### ଅବଧି ଶେଷ ପରେ ବି କୁଣ୍ଡେଇ ବ୍ୟାରେଜ୍ ନିର୍ମାଣ ସରୁନି

# ୧୫ ବର୍ଷରେ ବହୁ ଥର ବଢ଼ିଲାଣି ଅନୁଦାନ ରାଶି

**କୁଣ୍ଡେଇ, ୨୩।୨(ସମିସ)**



**ପାଣି ପାଇଁ ଚାଷୀ ହନ୍ତସନ୍ତ**

ମାସେ ନୁହେଁ କି ବର୍ଷେ ନୁହେଁ ଆଜିକୁ ୧୫ ବର୍ଷ ହେବ ସରୁନି କୁଣ୍ଡେଇ ବ୍ୟାରେଜ୍ କାମ ପ୍ରାଚୀ ନଦୀ ଉପରେ କୁଣ୍ଡେଇ ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ଏହି ନିର୍ମାଣାଧିନ ବ୍ୟାରେଜ୍ ଚାଷୀ ଓ ଜନସାଧାରଣଙ୍କର ସେବାରେ ଆସିପାରିଲା ନାହିଁ। ଏହି ବ୍ୟାରେଜ କାର୍ଯ୍ୟକ୍ଷମ ହୋଇଥିଲେ କେନାଲ ତଳମୁଣ୍ଡର ଚାଷୀ ଉପକୃତ ହୋଇଥାନ୍ତେ। ମାତ୍ର ଏହି ସ୍ୱପ୍ନ ଏବେ ଅଧୁରା ଥିବା ବେଳେ, ବ୍ୟାରେଜ କାର୍ଯ୍ୟର ଅବଧି ଶେଷ ହୋଇଯାଇଛି। ସୂଚନା ମୁତାବକ କେନାଲ ତଳ ମୁଣ୍ଡର ବହୁ ଚାଷୀ ପାଣି ପାଉ ନଥିବା ଯୋଗୁଁ ୨୦୦୯ ମସିହାରେ ତତ୍କାଳୀନ କୃଷିମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ଓ ପଞ୍ଚାୟତରାଜ ମନ୍ତ୍ରୀ ରଘୁନାଥ ମାହାନ୍ତି ପ୍ରାଚୀନଦୀ ଉପରେ ପ୍ରାଚୀ ବ୍ୟାରେଜ ପାଇଁ ଶିଳାନ୍ୟାସ କରିଥିଲେ। ନାବାର୍ଡ ସହାୟତାରେ ସେହି ସମୟରେ ୧୪କୋଟି ୪୮ଲକ୍ଷ ୩୧ହଜାର ଟଙ୍କା ବ୍ୟୟ ଅଟକଳରେ ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ। ଲକ୍ଷଥିଲା ବ୍ୟାରେଜ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ନଦୀର ଅଟକ ଜଳର ଉଭୟ ପାର୍ଶ୍ୱରେ ମେଗାଲିଫ୍ଟ ବସାଯାଇ କାକଟପୁର ଓ କୁଣ୍ଡେଇ ଡିଷ୍ଟ୍ରିବ୍ୟୁଟାରି କେନାଲମାନଙ୍କରେ ପାଣି ଛଡାଯିବ। ବାଜପୁର ଠାରୁ ବେଳଙ୍ଗ ଓ କୁଣ୍ଡେଇ ଠାରୁ କଣିଆଁ ପର୍ଯ୍ୟନ୍ତ ଯାଇଥିବା କେନାଲ ତଳ ମୁଣ୍ଡର ଚାଷୀମାନେ ଉପକୃତ ହୋଇପାରିବେ। ୨୦୦୯ ଆର୍ଥିକ ବର୍ଷରେ ଏହି ବ୍ୟାରେଜ କାର୍ଯ୍ୟ ଆରମ୍ଭ ହୋଇ ୨୦୧୩-୧୪ ଆର୍ଥିକ ବର୍ଷରେ ଶେଷ ହେବା କଥା। ମାତ୍ର ଏବେ ବ୍ୟାରେଜ କାର୍ଯ୍ୟର ଅବଧି ଶେଷ ହୋଇଯାଇଥିବା ବେଳେ ନିର୍ମାଣ କାର୍ଯ୍ୟର ୬୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ବ୍ୟାରେଜ ଜଳ ରହିବା ପାଇଁ ନଦୀର ଦୁଇ ପାର୍ଶ୍ୱରେ ଆଡିବନ୍ଧ ନିର୍ମାଣ ହୋଇନାହିଁ। ବ୍ୟାରେଜ କାର୍ଯ୍ୟକ୍ଷମ ହେବ ପାଇଁ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ହୋଇନାହିଁ। ସେହିପରି ଆଉ ଅନେକ କାମ ବାକି ରହିଛି। ଓଡ଼ିଶା କନଷ୍ଟ୍ରକ୍ସନ କମ୍ପାନୀ (ଓସିସି )ବ୍ୟାରେଜ କାର୍ଯ୍ୟ ଆଣି ଓସିସି ନିଜେ କାମ ନକରି ଅନ୍ୟ ଏକ ଠିକା ସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦେଇଦେଲା। ଏମିତିକି ଉକ୍ତ କାର୍ଯ୍ୟ କାକଟପୁର ଜଳସେଚନ ବିଭାଗ ଉପଖଣ୍ଡ ହେଡକ୍ୱାର୍ଟର ସେକ୍ସନ ଯନ୍ତ୍ରୀଙ୍କୁ ଦାୟୀତ୍ୱ ଦିଆଯାଇଥିଲା। କିନ୍ତୁ କାର୍ଯ୍ୟର ଅବଧି ସରିଗଲା, ମାତ୍ର ବ୍ୟାରେଜ କାର୍ଯ୍ୟ ଶେଷ ହୋଇନାହିଁ। ୨୦୦୯ ଆର୍ଥିକ ବର୍ଷରେ ନାବାର୍ଡ ଅନୁଦାନ ଅର୍ଥରୁ ୧୪କୋଟି ୪୮ଲକ୍ଷ ୩୧ହଜାର ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି ବ୍ୟରେଜ କାର୍ଯ୍ୟ ପରବର୍ତ୍ତି ସମୟରେ ସଂଶୋଧିତ ଅଟକଳ ମୂଲ୍ୟ ୩୮ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବୃଦ୍ଧି କରାଯାଇଥିଲେ ମଧ୍ୟ ଅଦ୍ୟାବଧି ବ୍ୟାରେଜର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଓସିସି ଅଦ୍ୟାବଧି ଯେତିକି ବ୍ୟାରେଜ କାମ କରିଛି ତା'ଠାରୁ ଅଧିକ ଟଙ୍କା ନିମାପଡ଼ା ଜଳସେଚନ ବିଭାଗ ଡିଭିଜନରୁ ବିଲ୍ ଉଠାଇ ନେଇ ଚାଲିଗଲାଣି ବୋଲି ଅଭିଯୋଗ ହେଉଛି। କାର୍ଯ୍ୟର ଏଷ୍ଟିମେଟ ଅନୁଯାୟୀ ମାନ ପରିମାଣ ଠିକ ନ ଥିବା ବାଜପୁର ଗ୍ରାମବାସୀ ଅଭିଯୋଗ କରିବା ସହ ବିନା ସୂଚନା ଫଳକରେ କୋଟି କୋଟି ଟଙ୍କା କୁଣ୍ଡେଇ ବ୍ୟାରେଜ କାମ ହେଉଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ବ୍ୟାରେଜ କାମ ଅତି ମନ୍ଥର ଗତିରେ ଚାଲିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।ବ୍ୟାରେଜ କାମ ପାଇଁ ସରିପାରୁନାହିଁ ଏବିଷୟରେ ଜାଣିବାକୁ ନିମାପଡ଼ା ଜଳସେଚନ ବିଭାଗ ଏବଂ ଭୁବନେଶ୍ୱର ଜଳସେଚନ ବିଭାଗ ସଚିବଙ୍କୁ ବ୍ୟାରେଜ ବିଷୟରେ ସୂଚନା ଅଧିକାର ଆଇନ ବଳରେ ସୂଚନା ମାଗା ଗଲେ ମଧ୍ୟ ସୂଚନା ମିଳୁନାହିଁ। ତଦନ୍ତ କରାଗଲେ ସତ୍ୟାସତ ସାମ୍ନାକୁ ଆସିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

**ନିମାପଡ଼ା, ୨୩।୨(ସମିସ):** ନିମାପଡ଼ା-ଚାରିଛକ ରାସ୍ତାର ସାଇଲୋ ଛକ ନିକଟରେ ଶୁକ୍ରବାର ବାଇକ୍ ଧକ୍କାରେ ତଢଣା ଗ୍ରାମର ବାଳକୃଷ୍ଣ ଦାଶ (୬୦)ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବରରୁ ଜଣାଯାଇଛି ଯେ ଶ୍ରୀ ଦାଶ ଠାକୁର ପୂଜା କରିବାକୁ ରାସ୍ତା ଅତିକ୍ରମ କରୁଥିବା ସମୟରେ କାକଟପୁରରୁ ଭୁବନେଶ୍ୱର ଯାଉଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ପୂଜକ ଶ୍ରୀ ଦାଶ ରାସ୍ତା ଉପରେ ଛିଡିକି ପଡିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାରକରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଉକ୍ତ ବାଇକ ଆରୋହୀ ଦୁଇଜଣ ବାଲେଶ୍ୱର ସୋର ଅଞ୍ଚଳର ଦୀପନଜିତ୍ ଦାସ ମହାପାତ୍ର(୨୮)ଯୁଗଳ କୁମାର ସାହୁ(୨୭) ବୋଲି ଜଣାପଡ଼ିଛି। ଦୁର୍ଘଟଣା କରିଥିବା ଉଭୟ ବାଇକ୍ ଚାଳକଙ୍କୁ ପୁଲିସ ପ୍ରାଥମିକ ଚିକିତ୍ସା କରାଇବା ପରେ ନିମାପଡ଼ା ଥାନାରେ ଅଟକ ରଖିବାସହ ବାଇକଟିକୁ ପୁଲିସ ଜବତ କରିଛି। ପୂଜକ ଶ୍ରୀ ଦାଶଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଦିଆଯାଇଛି।

## ଅଧନସ୍ଥ କର୍ମଚାରୀଙ୍କୁ ତଣ୍ଟିଆ ମାରିଲେ ଅଧିକାରୀ



**ଅସ୍ତରଙ୍ଗ, ୨୩।୨(ସମିସ):** ଅସ୍ତରଙ୍ଗ ବ୍ଲକର ଏକ ସରକାରୀ କାର୍ଯ୍ୟାଳୟ ଭିତରେ ଜଣେ ସହକାରୀ ଉଦ୍ୟାନ ଅଧିକାରୀ ଅଧନସ୍ଥ କର୍ମଚାରୀଙ୍କୁ ତଣ୍ଟିଆ ମାରିମାରି କାର୍ଯ୍ୟାଳୟ ବାହାରକୁ ବାହାର କରିବା ଦୃଶ୍ୟ ଭାଇରାଲ ହେବାପରେ ଏବେ ଚର୍ଚ୍ଚାରେ ଏହି ଉଦ୍ୟନକୃଷି ବିଭାଗର ଏହି ସରକାରୀ ବାବୁ।ଏହି ଅଭାବନୀୟ ଘଟଣା ହେଉଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟର। ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଜଣେ ସହକାରୀ ଉଦ୍ୟାନ ଅଧିକାରୀଙ୍କ ଏପରି ତଣ୍ଟିଆ ମାରି କାର୍ଯ୍ୟାଳୟ ବାହାରକୁ ବାହାର କରିବା ଘଟଣା ଅସ୍ତରଙ୍ଗ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ସୂଚନା ଅନୁସାରେ ଅସ୍ତରଙ୍ଗ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଭାବେ କାର୍ଯ୍ୟରତ ଯୁଗଳ କିଶୋର ବାର୍ଲା କାର୍ଯ୍ୟାଳୟରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ସୁଧାଂଶୁ ଶେଖର ଭୋଳଙ୍କୁ ଏନଆରଜିସି ମଷ୍ଟର ରୋଲ ତିଆରି କରିବା ଦାୟିତ୍ୱ ଦେଇଥିବା ବେଳେ ଜିଓ ଟ୍ୟାଗ ପାଇଁ ଅନ୍ୟ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ଦେବାରୁ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଉତ୍ୟକ୍ତ ଉଦ୍ୟାନ ଅଧିକାରୀ ଉତକ୍ଷିପ୍ତ ହୋଇ ସୁଧାଂଶୁଙ୍କୁ ତଣ୍ଟିଆ ମାରି କାର୍ଯ୍ୟାଳୟ ବାହାରକୁ ବାହାର କରି ଦେଇଥିଲେ। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଅସ୍ତରଙ୍ଗ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଶୁକ୍ରବାର ପୁରୀ ଅତିତିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁଚରଣ ପତି ଘଟଣାର ତଦନ୍ତ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ୧୦୮ ଚାଳକ ଗୁରୁତର

**ଚାରିଛକ, ୨୩।୨ (ସମିସ):** ଚାରିଛକ ଥାନା ଅନ୍ତର୍ଗତ ଆମ୍ଭୋର ଗ୍ରାମର ପ୍ରଦୀପ୍ତ କୁମାର ସାହୁ (୩୨) ବିଦ୍ୟୁତ୍ ଆଘାତରେ ଗୁରତର ହୋଇଥିବା ଜଣାପଡ଼ିଛି। ଖବରରୁ ପ୍ରକାଶ ଯେ ଆମ୍ଭୋର ଗ୍ରାମର ପ୍ରଦୀପ୍ତ କୁମାର ସାହୁ ନିଜଘରେ ବିଦ୍ୟୁତ୍ କାମ କରୁଥିବା ସମୟରେ ହଠାତ୍ ବିଦ୍ୟୁତ ସଂସ୍ପର୍ଶରେ ଆସିବାରୁ ତାଙ୍କର ଦୁଇଟି ହାତ ପୋଡିଯାଇଥିବା ଜଣାପଡ଼ିଛି। ପରିବାରର ଲୋକମାନେ ତାଙ୍କୁ ଚିକିତ୍ସା ନିମନ୍ତେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରିଛନ୍ତି।

## ବ୍ଲକ୍ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍ଯାପିତ

**କଣାସ, ୨୩।୨(ସମିସ):** କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ ଆଞ୍ଚଳିକ କ୍ରୀଡା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନେହୁର ଯୁବକେନ୍ଦ୍ର ପୁରୀ ସହାୟତାରେ ୨୨ ଓ ୨୩ତାରିଖ ଦୁଇଦିନ ଧରି ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଶିକ୍ଷାବିତ୍ ମହେନ୍ଦ୍ର କୁମାର ରଣସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ନେହୁର ଯୁବ କେନ୍ଦ୍ରର ସଂଯୋଜକ ଆଶିଷୀ କୁମାର ବଳିଆରସିଂହ, ସାଂସ୍କୃତି କ୍ରୀଡା ପରିଷଦର ସଭାପତି ସଞ୍ଜୟ କୁମାର ଛୁଆଳସିଂହ ଓ ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ ଯୋଗଦେଇ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱୋଳନ କରି ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଭଲିବଲ୍, କବାଡି, ଦୌଡିଟଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଟକୃଷ୍ଣ ଜେନା, ଶ୍ରୀକାନ୍ତ ନାୟକ, ବିରବର ଭଞ୍ଜ ଖେଳପରିଚାଳନା କରିଥିଲେ।

## ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କାର୍ଯ୍ୟ ବନ୍ଦ

**ନୟାହାଟ, ୨୩।୨(ସମିସ)**




ପୁରୀ ଜିଲ୍ଲାର ଦ୍ୱିତୀୟ ବଡ଼ ମେଡ଼ିକାଲ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ହୋଇ ଆସୁଥିବାରୁ ଚାରିଛକ ନିକଟରେ ଥିବା ଅସ୍ତରଙ୍ଗ ଥାନା, କାକଟପୁର ଥାନା, କୋଣାର୍କ ଥାନା, ଗୋପ ଥାନା, ନିମାପଡ଼ା ଥାନା, ପିପିଲି ଥାନା ସହିତ ନୟାହାଟ ଫାଣ୍ଡି ଅଞ୍ଚଳରୁ ଶବ ବ୍ୟବଚ୍ଛେଦ କରିବା ପାଇଁ ଥାନା ଫାଣ୍ଡି ଅଧିକାରୀ ସହ ସାଧାରଣ ଲୋକଙ୍କୁ ବହୁ ସୁବିଧା ମିଳୁଥିଲା। ଯାହାଫଳରେ ନିରୀହ ଗରିବ ଲୋକମାନଙ୍କୁ ଅଳ୍ପ ସମୟ କମ ଖର୍ଚ୍ଚରେ ଶବ ବ୍ୟବଚ୍ଛେଦ କରି ଆସୁଥିଲେ। କିନ୍ତୁ ଦୁଃଖର ବିଷୟ ଯେ ଏହି କେନ୍ଦ୍ରରେ ଗତ କିଛି ମାସ ହେବ ଶବ ବ୍ୟବଚ୍ଛେଦ ନ ହୋଇ ବନ୍ଦ ହୋଇ ପଡ଼ିରହିଛି। ଫଳରେ ଏହି ସବୁ ଥାନା ଫାଣ୍ଡି ଅଞ୍ଚଳରେ ଘଟୁଥିବା ଘଟଣା ରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଚାରିଛକ ପରିବର୍ତ୍ତେ ବାଧରେ ପୁରୀ ଯିବାକୁ ପଡୁଛି। ସୂଚନା ଥାଉକି ଗୋଟେ ଶବ ବ୍ୟବଚ୍ଛେଦ କରିବା ପାଇଁ ବିଭିନ୍ନ ଥାନା ଫାଣ୍ଡି କର୍ମଚାରୀ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେବା ସହ ମୃତ୍ୟୁବରଣ କରିଥିବା ପରିବାରର ସଦସ୍ୟ ମାନସିକ ଆର୍ଥିକ ଅସୁବିଧାରେ ପଡ଼ି ହଇରାଣ ହେଉଛନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଶବ ବ୍ୟବଚ୍ଛେଦ ଗୃହ ଥାଇ କଣ ପାଇଁ ଶବ ବ୍ୟବଚ୍ଛେଦ ହେଉନାହିଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଦିଗରେ ୫-ଟି ଅଧ୍ୟକ୍ଷ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବ, ପୁରୀ ଜିଲ୍ଲାପାଳ, ସିଡିଏମ, ନିମାପଡ଼ା ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କରତକଳ ଉପରେ ଚଢ଼ଉ; ୫ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ



**ଚାରିଛକ/ନୟାହାଟ, ୨୩।୨(ସମିସ):** ପୁରୀ ଜିଲ୍ଲା ଚାରିଛକ ଥାନା ଅଞ୍ଚଳର ଆମ୍ବର ଛକ ନିକଟରେ ଥିବା କରତକଳ ଉପରେ ଭିଜିଲାନ୍ସ ବିଭାଗ ଭୁବନେଶ୍ୱର ଓ ଅସ୍ତରଙ୍ଗ, ଗୋପ ଫରେଷ୍ଟ ବିଭାଗ ମିଳିତ ଚଢ଼ଉ କରି ପ୍ରାୟ ୫ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ କରିଛି। ଏଠାରେ ବର୍ଷ ବର୍ଷ ଧରି ବେଆଇନ କରତକଳ ସ୍ଥାପନ କରି ଦୈନ୍ୟଦିନ ଟ୍ରିପ୍ ଟ୍ରିପ୍ ବେଆଇନ ଭାବେ କାଠ ଆଣି ଚିରି ଚଢ଼ାଦରରେ ବିକ୍ରି କରୁଥିଲା ବୋଲି ସାଧାରଣ ଚର୍ଚ୍ଚା ହେଉଛି। ଶୁକ୍ରବାର ସକାଳ ୬:୩୦ ଟା ସମୟରେ ଭିଜିଲାନ୍ସ ଓ ଫରେଷ୍ଟ ବିଭାଗ ହଠାଥ ଆସି କରତ କଳ ଉପରେ ଚଢ଼ଉ କରି ପ୍ରାୟ ୫ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ କରିଥିଲେ। ଚଢ଼ଉରେ ଭିଜିଲାନ୍ସ ବିଭାଗର ଏସିଏନ ସାଧନା ପ୍ରିୟଦର୍ଶିନୀ ସ୍ୱାଇଁ, ନିମାପଡ଼ା ଫରେଷ୍ଟ ଅଫିସର ପ୍ରଦୀପ୍ତ କୁମାର ପାଣିଗ୍ରାହୀ, ଗୋପର ପ୍ରଶ୍ନ କୁମାର ପତି, କୋଣାର୍କର ଯୋଗେନ୍ଦ୍ର ପ୍ରଧାନ, ଓ ଅସ୍ତରଙ୍ଗର ମୋନାଲିସା ମହାପାତ୍ରଙ୍କ ସମେତ ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ଚଢ଼ଉରେ ସାମିଲ ଥିଲେ।

## ୧୦୮ ୬ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**ନିମାପଡ଼ା, ୨୩।୨(ସମିସ)**




ନିମାପଡ଼ା ପଞ୍ଚାୟତ ସମିତି ତରଫରୁ ସ୍ଥାନୀୟ ଟାଉନହଲ ପରିସରରେ ଉକ୍ତ ବ୍ଲକର ୧୭ଟି ପଞ୍ଚାୟତର ୧୦୮୬ଜଣ ହିତାଧିକାରୀଙ୍କୁ ମଧୁବାବୁ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନୁସ୍ୱୟା ମହାନ୍ତି, ଜିଲ୍ଲାପରିଷଦସଭ୍ୟ ପ୍ରଦୀପ୍ତଖଟୋଇ, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ଅଶୋକ ସାହୁ, ସତ୍ୟଜିତ୍ ଆଚାର୍ଯ୍ୟଙ୍କ ସମେତ ଉକ୍ତ ପଞ୍ଚାୟତର ଜନ ପ୍ରତିନିଧି ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ବୃଦ୍ଧ, ବୃଦ୍ଧା, ବିଧବା ମହିଳା ଓ ଦିବ୍ୟାଙ୍ଗଙ୍କୁ ବିଧାୟକ ଶ୍ରୀ ଦାଶଙ୍କ ଦ୍ୱାରା ଭତ୍ତା ପ୍ରଦାନ କରାଯାଇଛି।

## ଲୋକକଳା ମାଧ୍ୟମରେ ସଚେତନତା



**କଣାସ, ୨୩।୨(ସମିସ):** କଣାସ ବ୍ଲକ ଦୋକନ୍ଦା ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ବାବା ନୀଳକଣ୍ଠେଶ୍ୱର ମାରୁତି ନାଟ୍ୟ ସଂସଦ ପକ୍ଷରୁ ଶୁକ୍ରବାର ବିଭିନ୍ନ ଛକ ଜାଗାମାନଙ୍କରେ ଓ 'ଆମ ଓଡ଼ିଶା ନବିନ ଓଡ଼ିଶା 'କାର୍ଯ୍ୟକ୍ରମ ଅର୍ନ୍ତଗତ ବିଭିନ୍ନ ଯୋଜନା ସମ୍ପର୍କରେ କଳାକାରମାନେ ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ କଳା ମାଧ୍ୟମରେ ପ୍ରଦର୍ଶନ କରିଥିଲେ।

## ନିର୍ବାଚିତ ପାଚିକାକୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଦାବି

**ଚାରିଛକ, ୨୩।୨(ସମିସ):** ଚାରିଛକ ତୁଳସୀପୁର ପଞ୍ଚାୟତ ଛବାଟିଆ ଉପ୍ରା ସ୍କୁଲର ନବ ନିର୍ବାଚିତ ପାଚିକାକୁ ନିଯୁକ୍ତି ଦେବା ସହ ଦାୟିତ୍ୱ ହସ୍ତାନ୍ତର କରିବାକୁ ସ୍ଥାନୀୟ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଦାବି କରିଛନ୍ତି। ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତଥିବା ପାଚିକାଙ୍କ ବୟସ ସୀମା ଅତିକ୍ରମ କରିଥିବା ନୂତନ ପାଚିକା ରଖାଯିବା ପାଇଁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଏକ ନୋଟିସ ଜାରି କରାଯାଇଥିଲା। ଏଥିରେ ରହିବା ପାଇଁ ୬ ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ୩ଜଣ ପ୍ରାର୍ଥୀଙ୍କର ସ୍କ୍ରୁଟିଂରେ କଟିଯିବା ପରେ ଅବଶିଷ୍ଟ ୩ଜଣ ପ୍ରାର୍ଥୀଙ୍କ ମଧ୍ୟରେ ନିର୍ବାଚନ କରାଯାଇଥିଲା। ଉକ୍ତ ନିର୍ବାଚନରେ ଛବାଟିଆ ଗ୍ରାମର ବନିତା ଦାସ ବିଜୟୀ ହୋଇଥିଲେ। ଗତ ଜାନୁୟାରୀମାସ ୨୫ ତାରିଖରୁ ନୂତନ ପାଚିକା ନିର୍ବାଚିତ ହୋଇଯାଇଥିଲେ ସୁଧା ଆଜି ପର୍ଯ୍ୟନ୍ତ ନୂତନ ପାଚିକାଙ୍କୁ ନିଯୁକ୍ତି କରାନଯାଇ ଦାୟିତ୍ୱ ପ୍ରଦାନ କରାଯାଇନାହିଁ ତାହା ଏବେ ଗ୍ରାମବାସୀ ଓ ଅଭିଭାବକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନବ ନିର୍ବାଚିତ ପାଚିକାକୁ ଯଥାଶିଘ୍ର ଦାୟିତ୍ୱ ଅର୍ପଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଓ ଛାତ୍ରଛାତୀଙ୍କ ଅଭିଭାବକ ଦାବି କରିଛନ୍ତି।

## କାକଟପୁର ଥାନା ପରିସରରେ ରକ୍ତଦାନ ଶିବିର



**ଗମ୍ଭାରୀପଦା/କାକଟପୁର, ୨୩।୨(ସମିସ):** କାକଟପୁର ଆଇଆଇସି ଉମେଶ ଚନ୍ଦ୍ର ସାହୁଙ୍କ ମାର୍ଗଦର୍ଶନରେ, କାକଟପୁର ଥାନା ପରିସରରେ ଶିକ୍ଷାର ବିକାଶ ଏଜୁକେସନାଲ ଟ୍ରଷ୍ଟ ସହଯୋଗକ୍ରମେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୧୩୫ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଟ୍ରଷ୍ଟର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ସାହୁଙ୍କ ଠାରୁ ପ୍ରକାଶ। ସଂଗୃହିତ ରକ୍ତ ଥାଲାସେମିଆ ରୋଗୀଙ୍କ ପାଇଁ ସମର୍ପିତ ହେବ ବୋଲି ଶିବିରରେ ଅଂଶଗ୍ରହଣ କରିଥିବା ଅତିଥି ରେଡକ୍ରସ ବ୍ଲଡ କଟକ କେନ୍ଦ୍ରର ନିର୍ଦ୍ଦେଶକ ଡ଼ ଚନ୍ଦ୍ରିକା ପ୍ରସାଦ ଦାସ, ଆଡିସନାଲ ଏସପି ବିଷ୍ଣୁ ପ୍ରସାଦ ପତି, ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, ଶିକ୍ଷା ର ବିକାଶ ଏଜୁକେସନାଲ ଟ୍ରଷ୍ଟର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ ପ୍ରମୁଖ ମତ ରଖିଥିଲେ। ସମସ୍ତ ପୋଲିସ କର୍ମଚାରୀଙ୍କସୁ ସଂଗଠିତ ପରିଚାଳନାରେ ଥାନା ପରିସରରେ ଶିବିରର ଆୟୋଜନ କରାଯାଇ ସାଧାରଣ ଜନତା ଓ ପୋଲିସ ମଧ୍ୟରେ ସମ୍ପର୍କକୁ ଦୃଢ଼ୀଭୂତ କରିଥିବା ବୁଦ୍ଧିଜୀବୀମାନେ ମତପ୍ରକାଶ କରି କାକଟପୁର ପୁଲିସର କାର୍ଯ୍ୟକୁ ପ୍ରଶଂଶା କରିଥିଲେ। ଶିକ୍ଷାର ବିକାଶ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଡାଲ୍ମିଆ କମ୍ପାନୀ ପକ୍ଷରୁ ସଚେତନତା ଶିବିର

**ନୟାହାଟ, ୨୩।୨(ସମିସ):** ପୁରୀ ଜିଲ୍ଲା ନୟାହାଟ ହାଇସ୍କୁଲ ଛକ ଠାରେ ଜଙ୍ଗଲବରୀ ପଞ୍ଚାୟତର ବିଜେଡି ସଭାପତି କାହ୍ନୁଚରଣ ସାହୁଙ୍କ ନେତୃତ୍ୱରେ ରାଜମିସ୍ତ୍ରୀମାନଙ୍କୁ ନେଇ ସଚେତନତା ଶିବିର କରାଯାଇଥିଲା। ସଚେତନତା ଶିବିର କାର୍ଯ୍ୟକ୍ରମରେ ଡାଲମିଆ କମ୍ପାନୀର ଟେକ୍ନିକାଲ ଅଫିସର ବିଶ୍ୱଜିତ ପଟ୍ଟନାୟକ ଉପସ୍ଥିତ ଥିବା ମିସ୍ତ୍ରୀମାନଙ୍କୁ ଡ଼ିଏସପି ସିମେଣ୍ଟ କ୍ୱାଲିଟି ଉପରେ ବୁଝାଇ ସଚେତନ କରିଥିଲେ। ସଚେତନତା ଶିବିରରେ ଡାଲମିଆ ସେଲସ ଅଫିସର ଅମରେନ୍ଦ୍ର ସାହୁ ସହଯୋଗ କରିଥିଲେ।ଡାଲମିଆ କମ୍ପାନୀ ପକ୍ଷରୁ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ମିସ୍ତ୍ରୀମାନେ କମ୍ପାନୀ ର ଟେକ୍ନିକାଲ ଅଫିସରକୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳରୁ ୧୦୦ରୁ ଉର୍ଦ୍ଧ୍ୱ ରାଜମିସ୍ତ୍ରୀ ଯୋଗଦେଇଥିଲେ।



## ବିଜୁ ପଟ୍ଟନାୟକ ବହୁମୁଖି ଇଣ୍ଡୋର୍ ଷ୍ଟାଡିୟମ ଉଦ୍‌ଘାଟିତ

**ନିମାପଡ଼ା, ୨୩।୨(ସମିସ):** ନିମାପଡ଼ା ଏନ୍ଏସିର ବାଳକ ଉଚ୍ଚ ବିଦ୍ୟାଳୟର ପଛପଟେ ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଲୋକାର୍ପଣ ଉତ୍ସବରେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ଆଥଲେଟିକ ଆସୋସିଏସନ ସାଧାରଣ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ଏନଏସି ଉପାଧ୍ୟକ୍ଷା ସନ୍ତୋଷ କୁମାର ଦାଶ, ବରିଷ୍ଠ କାଉନସିଲର ଧନୁର୍ଦ୍ଧର ଦାଶ, ଜିଲ୍ଲାକ୍ରୀଡା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ କୁଶାଳ ହେମ୍ବ୍ରମ, ଜିଲ୍ଲାପରିଷଦସଭ୍ୟ ପ୍ରଦୀପ୍ତ ଖଟୋଇ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନୁସ୍ୱୟା ମହାନ୍ତି, ଅତିରିକ୍ତ ତହସିଲଦାର ନୀରଞ୍ଜନ ନାୟକ, ଇଣ୍ଡୋର ଅଧିକାରୀ କ୍ରିଷ୍ଣା ଶିକାରୀ, ଜିମକୋଚ ସ୍ମୃତି ରଞ୍ଜନ ଦାସ, ବ୍ୟାଡମିଟନ କୋଚ୍ ମନୋରଞ୍ଜନ ମିଶ୍ର, କନିଷ୍ଠଯନ୍ତ୍ରୀ ଶକ୍ତିବ୍ରତ ଜେନା, ଖେଳଶିକ୍ଷକ ରଣଜିତ କେଶରୀ ନାୟକ, ସତ୍ୟଜିତ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ସରକାରୀ, ବେସରକାରୀ, ସ୍କୁଲ କଲେଜର ଶତାଧିକ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଏହି ଷ୍ଟାଡିୟମରେ ବିଭିନ୍ନ ପ୍ରକାର କ୍ରୀଡ଼ା ସମେତ ଜିମ୍‌ର ସୁବିଧା ଉପଲବ୍ଧ ଅଛି।



# ଶ୍ରୀକ୍ଷେତ୍ର ସିଟି

୨୩/୨/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୦୮,୨୨୭/- ସୁନା: ୦୪.୨୦୦ ଗ୍ରାମ୍ ରୁପା: ୩୧.୨୦୦ ଗ୍ରାମ୍



## ମହାପ୍ରଭୁଙ୍କୁ ଦର୍ଶନ କଲେ ଗଜପତି ମହାରାଜ



ପୁରୀ, ୨୩।୨(ସମିସ):ଗଜପତି ମହାରାଜ ଦିବ୍ୟସିଂହ ଦେବ ଶ୍ରୀମନ୍ଦିରରେ ଭିତରକାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମହାରାଣୀ ଲୀଳାବତୀ ପାଟମହାଦେଇ, ରାଜକୁମାରୀ କୁମାରମଣିଙ୍କ ସହ ସପରିବାର ଦର୍ଶନ କରିଛନ୍ତି। ପରମ୍ପରା ମୁତାବକ, ଗଜପତି ସପରିବାର ଦର୍ଶନ ପାଇଁ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପ୍ରବେଶ କରି ବଟ ଗଣେଶଙ୍କୁ ଦର୍ଶନ କରିଥିଲେ। ସେଠାରୁ ଯାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରି ଦକ୍ଷିଣ ଦ୍ୱାର ଦେଇ ଫେରିଛନ୍ତି। ଗଜପତି ଦିବ୍ୟସିଂହ ଦେବ କହିଛନ୍ତି, ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ଆଗମନ ବୃଦ୍ଧି ପାଇଛି। ବିଶେଷକରି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ପୂର୍ବାପେକ୍ଷା ଭକ୍ତମାନଙ୍କର ଆଗ୍ରହ ବଢ଼ିଛି। ସରକାର ଓ ପ୍ରଶାସନ ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଆହୁରି ଯୋଜନା ପ୍ରସ୍ତୁତ କରିଛନ୍ତି। ଉକ୍ତ ଯୋଜନାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରିବେ ବୋଲି ସେ ଆଶା ରଖିଛନ୍ତି। ନାଟମଣ୍ଡପ କାର୍ଯ୍ୟ ଆରମ୍ଭ ହୋଇଥିବା ନେଇ ସେ କହିଛନ୍ତି, ଏହାର ମରାମତି ଆବଶ୍ୟକ ଥିଲା। ସେଇ ଅନୁଯାୟୀ କାମ ଆରମ୍ଭ ହୋଇଛି। ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ପରେ ବିମଳାଙ୍କ ମନ୍ଦିର, ଲକ୍ଷ୍ମୀ ମନ୍ଦିରରେ ଦର୍ଶନ କରିଥିଲେ। ପରେ ମୁକ୍ତିମଣ୍ଡପ ବ୍ରାହ୍ମଣଙ୍କ ଆଶୀର୍ବାଦ ନେଇଥିଲେ। ଗଜପତିଙ୍କ ସହ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଅନ୍ୟ ପ୍ରଶାସନିକ ଅଧିକାରୀ, ଶ୍ରୀମନ୍ଦିର ପୁରୋହିତ, ରାଜ ପୁରୋହିତ, ରାଜଗୁରୁ ଉପସ୍ଥିତ ଥିଲେ।

### ମୂର୍ତ୍ତି ଚୋରଙ୍କ ଟାର୍ଗେଟରେ ଶ୍ରୀକ୍ଷେତ୍ରର ମହାଦେବ ମନ୍ଦିର

# କପାଳମୋଚନ ମନ୍ଦିରରୁ ନେଇଗଲେ ମୂର୍ତ୍ତି





**ପୁରୀ, ୨୩।୨(ସମିସ)**

ପୁଣି ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ମୂର୍ତ୍ତି ଚୋର। ଦଶଦିନ ମଧ୍ୟରେ ପୁରୀ ସହର ଭିତରୁ ଦ୍ୱିତୀୟ ମନ୍ଦିରରୁ ଲୁଟିଛନ୍ତି ମୂର୍ତ୍ତି। ଏଥର ବି ମୂର୍ତ୍ତି ଲୁଟେରାଙ୍କ ଟାର୍ଗେଟରେ ମହାଦେବ। ଗତ ୧୨ ତାରିଖ ରାତିରେ ଆଶ୍ରମ ଛକସ୍ଥିତ ମୁକ୍ତେଶ୍ୱର ମନ୍ଦିରରୁ ଶିବପାର୍ବତୀଙ୍କ ପିତ୍ତଳ ମୂର୍ତ୍ତି ସମେତ ଅନ୍ୟ ଦେବଦେବୀଙ୍କ ସୁନାରୁପା ଅଳଙ୍କାର ଲୁଟ୍ କରିଥିଲେ। ଗୁରୁବାର ରାତିରେ କୌଣସି ଦୁର୍ବୃତ୍ତ ଶ୍ରୀମନ୍ଦିର ଦକ୍ଷିଣ-ପଶ୍ଚିମ କୋଣ ଗାଣ୍ଡୁଆଚୌରା ଛକସ୍ଥିତ କପାଳମୋଚନ ମନ୍ଦିରରେ ପଶି ବହୁ ପୁରାତନ ପଥରର ନୃସିଂହ ମୂର୍ତ୍ତି ଚୋରି କରିଛନ୍ତି। ଏ ନେଇ ମନ୍ଦିରର ସେବକ ସିଂହଦ୍ୱାର ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ ଚଳାଇଛି। ହେଲେ ଲୁଟେରାଙ୍କ ସମ୍ପର୍କରେ କିମ୍ବା ଲୁଟ୍ ମୂର୍ତ୍ତି ନେଇ କୌଣସି ସୁରାକ୍ ମିଳିପାରିନାହିଁ।

ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ବାବା କପାଳମୋଚନ। ଶ୍ରୀମନ୍ଦିରର ବିଭିନ୍ନ ନୀତିକାନ୍ତି ସହ ବାବା କପାଳମୋଚନ ମନ୍ଦିର ଅଙ୍ଗାଅଙ୍ଗୀ ଭାବେ ଜଡିତ। ଦୈନନ୍ଦିତ ଏଠାରେ ଠାକୁରଙ୍କ ପୂଜା ସହ ବିଶେଷ ପର୍ବ ମଧ୍ୟରେ ଦୋଳ ପୂର୍ଣ୍ଣିମା, ଶୀତଳ ଷଷ୍ଠୀ, ଜାଗର ଆଦି ଅନୁଷ୍ଠିତ ହୁଏ। ଜାଗର ଓ ଶୀତଳ ଷଷ୍ଠୀରେ ପୀଠରେ ପ୍ରବଳ ଭିଡ ହୋଇଥାଏ। ଏହାବ୍ୟତୀତ କପାଳମୋଚନ ପଞ୍ଚପାଣ୍ଡବଙ୍କ ମଧ୍ୟରେ ସାମିଲ ହୋଇ ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ସହ ମିଶି ନରେନ୍ଦ୍ରରେ ଜଳକ୍ରୀଡା କରିଥାନ୍ତି। ତେବେ କପାଳମୋଚନ ମନ୍ଦିରରୁ ନୃସିଂହ ମୂର୍ତ୍ତି ଚୋରି ହୋଇଥିବା ଜଣାପଡ଼ିବା ପରେ ଏହାକୁ ନେଇ ଭକ୍ତ ଓ ସେବାୟତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାସ୍ଥଳରେ ପହଞ୍ଚି ସିଂହଦ୍ୱାର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ତାଳବଣିଆ ଥାନା ଅନ୍ତର୍ଗତ ଆଶ୍ରମ ଛକ ନିକଟରେ ଥିବା ମୁକ୍ତଶ୍ୱରଙ୍କ ମନ୍ଦିରରୁ ମଧ୍ୟ ଶିବ ପାର୍ବତୀଙ୍କ ମୂର୍ତ୍ତି ଚୋରି ହୋଇଥିଲା। ପୁଲିସ ଏହାକୁ ଗୁରୁତର ସହ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଏହି ଟିମ୍‌କୁ ୬ ଦିନ ମଧ୍ୟରେ ସଫଳତା ମିଳିଥିବା ବେଳେ ଚୋରି ହୋଇଥିବା ମୂର୍ତ୍ତି ଓ ଅଳଙ୍କାର ଜବତ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଯେଉଁଥିରେ ୩ ଜଣ ମୂର୍ତ୍ତି ଚୋର ଏବଂ ସେମାନଙ୍କଠାରୁ ଚୋରି ସାମଗ୍ରୀ କିଣିଥିବା ଦୁଇ ଅଭିଯୁକ୍ତ ସାମିଲ ଥିଲେ। ଏବେ ପୁଣିଥରେ ଶ୍ରୀମନ୍ଦିର ନିକଟରେ ଥିବା ବାବା କପାଳମୋଚନଙ୍କ ମନ୍ଦିରରୁ ପଥରର ନୃସିଂହ ମୂର୍ତ୍ତି ଚୋରି ହୋଇଥିବାବେଳେ ଏବେ ପୁଲିସର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଜିଲ୍ଲା ପୁଲିସର ମୁଖିଆ ଭାବେ ନୂଆକରି ଦାୟିତ୍ୱ ନେଇଥିବା ପିନାକ ମିଶ୍ର କହିଥିଲେ ଯେ, ଜିଲ୍ଲାର ସବୁ ପ୍ରମୁଖ ମନ୍ଦିରରେ କମିଟି ପକ୍ଷରୁ ସିସିଟିଭି ଲଗା।ଯାଉ। ପୁଲିସ ମଧ୍ୟ ପାଟ୍ରୋଲିଂକୁ କଡ଼ାକଡ଼ି କରିବ। ହେଲେ ପୁଲସକୁ ଚ୍ୟାଲେଞ୍ଜ ଦେବା ପରେ ପୁରୀ ସହର ମଧ୍ୟରେ ଥିବା ଆଉ ଏକ ମହାଦେବ ମନ୍ଦିରକୁ ଟାର୍ଗେଟ କରିଛନ୍ତି ମୂର୍ତ୍ତି ଚୋର।

### ସିଂହଦ୍ୱାର ଥାନାରେ ଏତଲା, ପୁଲିସର ତଦନ୍ତ ଜାରି

## ଭାବ ହିଁ ସାହିତ୍ୟର ଆତ୍ମା

**ପୁରୀ, ୨୩।୨(ସମିସ):** ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ମାସିକ ସାହିତ୍ୟ ଆସର ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବର୍ଷିୟାନ ସାହିତ୍ୟିକା ପ୍ରତିମା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରରେ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଶୋକ କୁମାର କର ମୁଖ୍ୟଅତିଥି ଏବଂ ପୁରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ବଳିୟାରସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଭାବ ହିଁ ସାହିତ୍ୟର ଆତ୍ମା। ସାହିତ୍ୟ ସୃଷ୍ଟି, ସାରସ୍ୱତ ଜଗତ ଭିତରକୁ ପଶିବା, କବିତାର ଶୈଳୀ, ଶବ୍ଦ ବିନ୍ୟାସ ପ୍ରତି ଆଗ୍ରହ ବଢ଼ିବାକୁ ମତ ରଖିଥିଲେ। ସାଧାରଣ ସମ୍ପାଦକ ଶିଶୁ ସାହିତ୍ୟିକ ସତ୍ୟନାରାୟଣ ମିଶ୍ର କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସଭାକାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ କବି ବିଜୟଲକ୍ଷ୍ମୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କବି ମଞ୍ଜୁଶ୍ରୀ ମିଶ୍ର ଏବଂ କ୍ରିଷ୍ଣା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ମନୋଜ୍ଞ କବିତା ଆସରରେ ପ୍ରାୟ ୪୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ।

## ଦୋକାନ ଜାଳିଥିବା ୨ ଦୁର୍ବୃତ୍ତ ଗିରଫ

**ପୁରୀ, ୨୩।୨(ସମିସ):** ଗୋପାଳପୁର ଛକସ୍ଥିତ ଏକ ଦୋକାନରେ ନିଆଁ ଲଗାଇ ଜାଳିଥିବା ଅଭିଯୋଗରେ ପେଣ୍ଟକଟା ମେରାଇନ ଥାନା ପୁଲିସ ୨ ଦୁର୍ବୃତ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସମଙ୍ଗରାରେ ରହୁଥିବା ଚନ୍ଦନପୁର ଚାଳିଶିବାଟିଆର ପିଣ୍ଟୁ ପ୍ରଧାନ ଏବଂ ତଳଜଙ୍ଗର ଛବି ସାହୁ। ଅଭିଯୋଗ ଅନୁଯାୟୀ, ଏମାନେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ରବିବାର ବିଳମ୍ବିତ ରାତିରେ ଗୋପାଳପୁରର ହରିହର ପରିଡ଼ାଙ୍କ ଟିଫିନ ଦୋକାନରେ ନିଆଁ ଲଗାଇଥିଲେ। ନିଜେ ହରିହର ଏହା ଦେଖିଥିଲେ। ଏପରି କି ଦୋକାନରେ ଶୋଇ ନ ଥିବାରୁ ଆଜି ବଞ୍ଚିଗଲୁ ବୋଲି ତାଙ୍କୁ କହିଥିଲେ। କିନ୍ତୁ ଭୟରେ ଥାନାରେ ଅଭିଯୋଗ କରି ନ ଥିଲେ ହରିହର। ହେଲେ ପୁନଶ୍ଚ ଗତ ଗୁରୁବାର କନକନଗର ଛକରେ ପିଣ୍ଟୁ ତାଙ୍କୁ ଅଟକାଇ ଖଣ୍ଡା ଦେଖାଇ ଗାଳିଗୁଲଜ କରିଥିଲେ। ଏପରି କି ଗୋପାଳପୁରର ଅନ୍ୟଜଣେ ରାଜା ପ୍ରଧାନଙ୍କୁ ଜବରଦସ୍ତ ଅଟକାଇ ୫ ହଜାର ଟଙ୍କା ଦାଦାବଟି ମାଗିଥିଲା। ତେବେ ଏ ସବୁ ଅଭିଯୋଗରେ ପେଣ୍ଟକଟା ପୁଲିସ ପିଣ୍ଟୁ ଏବଂ ଛବିଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଗୋଟିଏ ଖଣ୍ଡା ଏବଂ ବାଇକ୍ ଜବତ କରିଛି।

## ବିଶ୍ୱକର୍ମା ସମିତିର ସାଧାରଣ ଅଧିବେଶନ

ପୁରୀ, ୨୩।୨(ସମିସ): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ଷ୍ଟେଶନସ୍ଥିତ କଲ୍ୟାଣ ମଣ୍ଡପରେ ଶୁକ୍ରବାର ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ୭ମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଶ୍ୱକର୍ମା ରତ୍ନ ବଟକୃଷ୍ଣ ଓଝା, ସଭାପତି, ରାମଚନ୍ଦ୍ର ମହାରଣା, ଉପ ସଭାପତି କୈଳାଶ ଚନ୍ଦ୍ର ମହାରଣା, ସମ୍ପାଦକ, ରମେଶ ଚନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ହୃଷୀକେଶ ମହାରଣା, ସହ ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା, କାହ୍ନୁଚରଣ ମହାରଣା, ଦିବାକର ମହାରଣା, ଗଙ୍ଗାଧର ମହାରଣା, ମହେନ୍ଦ୍ର ମହାରଣା, ବିଶ୍ବୁ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଆବାହକ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ମହାରଣାଙ୍କ ନେତୃତ୍ୱରେ ରାଜ୍ୟର ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିଥିଲେ। ଏଥିସହ ଆଗାମୀ ପରିଚାଳନା କମିଟି ନିର୍ବାଚନ କରିବା ପାଇଁ ସାଧାରଣ ସମ୍ପାଦକ ଘୋଷଣା କରିଥିଲେ।

### ଗୋପବନ୍ଧୁ ଦାସଙ୍କ ସ୍ମୃତି ପୀଠର ପ୍ରତିଷ୍ଠା ଦିବସ ପାଳିତ

## ଗୋପବନ୍ଧୁ ଥିଲେ ତ୍ୟାଗ, ସେବା ଓ ସମର୍ପଣର ପ୍ରତୀକ



ସାକ୍ଷୀଗୋପାଳ, (ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ପ୍ରକୃତରେ ଉତ୍କଳର ମଣି ଥିଲେ। ତ୍ୟାଗ, ସେବା ଓ ସମର୍ପଣର ସେ ଥିଲେ ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କର ସ୍ମୃତି ରକ୍ଷା ପାଇଁ ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ। ଏହା କେବଳ ଆମ ରାଜ୍ୟ ନୁହେଁ ଦେଶର ବିଭିନ୍ନ ସ୍ଥାନରୁ ଆସୁଥିବା ବ୍ୟକ୍ତିମାନଙ୍କୁ ଉତ୍କଳମଣିଙ୍କ ଆଦର୍ଶ ସମ୍ପର୍କରେ ସଚେତନ କରାଇ ଚାଲିଥିବ ବୋଲି କହିଛନ୍ତି ବକ୍ତାମାନେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତିପୀଠର ପ୍ରଥମ ପ୍ରତିଷ୍ଠା ଦିବସ ସୁଆଣ୍ଡୋସ୍ଥିତ ଗୋପବନ୍ଧୁ ସଂଗ୍ରହାଳୟଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡ. ଶରତ ଚନ୍ଦ୍ର ମହାପାତ୍ର ଓ ବିଶିଷ୍ଟ ଅତିଥି ଭାବେ ସାମାଜସେବୀ ଧୀରେନ୍ଦ୍ର ଦାଶ ଓ ରବି ଦାଶ ଯୋଗଦେଇଥିଲେ। ଏହାସହିତ ତହସିଲଦାର ଜୟନ୍ତ ଜୟସିଂହ, ବ୍ଲକ ଉନ୍ନୟନ ଅଧିକାରୀ ଲିପ୍ସା ରାୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଉପସ୍ଥିତ ଥିଲେ। ସକାଳ ୯ଟାରେ ସଂଗ୍ରହାଳୟ ପରିସରରେ ସ୍ଥାପିତ ହୋଇଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଓ ଷଠି ଘରେ ସମସ୍ତ ଅତିଥି ମାଲ୍ୟାର୍ପଣ କରିବା ସହିତ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ପୂର୍ବାହ୍ନ ୧୦ଟାରେ ସଂଗ୍ରହାଳୟ ପରିସରରେ ଗୋପବନ୍ଧୁଙ୍କ ଜୀବନୀ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ। ଏହି ଆଲୋଚନାଚକ୍ରକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ବେହେରା ସଂଯୋଜନା କରିଥିଲେ। ପ୍ରାରମ୍ଭରୁ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ଏଲ୍ ଆଣ୍ଡ କେ ସର୍ଭିସେସର କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ଭଜନ ପରିବେଷଣ ହୋଇଥିଲା।

## ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ପୁରୀ, ୨୩।୨(ସମିସ): ଛାତ୍ରଛାତ୍ରୀଙ୍କର ଦକ୍ଷତା ବୃଦ୍ଧି ଓ ସେମାନଙ୍କ ମଧ୍ୟରେ ନୂତନ କୌଶଳର ଅଭ୍ୟାସକୁ ନେଇ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ବୃତ୍ତି ପରାମର୍ଶ କେନ୍ଦ୍ର ତରଫରୁ ଏକ ମାସାତ୍ମକ କମ୍ୟୁନିକେଟିଭ ଇଂଲିଶ ଆଣ୍ଡ ବେସିକ୍ ନଲେଜ୍ କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀମାନଙ୍କୁ ସର୍ବାଙ୍ଗୀନ ବିକାଶ ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗାଧ୍ୟକ୍ଷ ଡ. ସତ୍ୟପ୍ରକାଶ ମିଶ୍ର ବର୍ତ୍ତମାନ ସମୟରେ ନିଜର ଦକ୍ଷତା ବୃଦ୍ଧି ନିତାନ୍ତ ଆବଶ୍ୟକ ବୋଲି ମତ ରଖିଥିଲେ। ବିଷୟ ବିଶେଷଜ୍ଞ ଭାବେ ସଦାଶିବ ପରିସରର ଅଧ୍ୟାପିକା ଡ. ରଶ୍ମି ମିଶ୍ର ଭାଷାର ପ୍ରୟୋଗ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ପୁନଶ୍ଚ କମ୍ପ୍ୟୁଟର ଜ୍ଞାନର ଆବଶ୍ୟକତା ଓ ଏହାର ସଦୁପଯୋଗ ବିଷୟରେ ଡ. ସୁଶାନ୍ତ କୁମାର ଶତପଥୀ ଉତ୍ସାହିତ କରିଥିଲେ। ସୂଚନାଥାଉ କି, ଏହି କର୍ମଶାଳା ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଓ ସେମାନଙ୍କର ଦକ୍ଷତା ବିକାଶ ହିଁ ଏହାର ଲକ୍ଷ୍ୟ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଏବଂ କୁଳସଚିବ ସୁମିତ୍ରା ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନରେ ଏହି କାର୍ମଶାଳା ଆରମ୍ଭ ହୋଇଛି ବୋଲି କାର୍ଯ୍ୟକ୍ରମର ସଂଯୋଜିକା ଡ. ନିବେଦିତା କର କହିଛନ୍ତି। ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ ଡ, ପ୍ରଦୀପ୍ତ ନନ୍ଦ, ଡ. ଅଜୟ ପାଣ୍ଡେ, ଅଧ୍ୟାପିକା ଡ. ରାସମଣୀ ଘୋରାଇ ପ୍ରଭୃତି ଉପସ୍ଥିତ ରହିଥିଲେ।

## ମ୍ୟୁନିସିପାଲିଟି କର୍ମକର୍ତ୍ତାଙ୍କୁ ଶିଶୁ ସୁରକ୍ଷା ପ୍ରଶିକ୍ଷଣ



**ପୁରୀ, ୨୩।୨(ସମିସ)**

ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ, ଯୋଜନା, ମାର୍ଗଦର୍ଶିକା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା ଉଦ୍‌ଘାଟନ କରି ଶିଶୁମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇଦେବା ନିମନ୍ତେ ସମସ୍ତେ ନିଜର କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହିତ କିଶୋର ନ୍ୟାୟ ଆଇନ, ଶିଶୁ ଶ୍ରମ ନିଷେଧ ଆଇନ, ବାଲ୍ୟ ବିବାହ ନିଷେଧ ଆଇନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର ଶିଶୁମାନଙ୍କ ଉପସ୍ଥାପନ, ଥଇଥାନ, ସାମାଜିକ ସମିଶ୍ରଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ମିଶନ ବାତ୍ସଲ୍ୟ, ଶିଶୁ ମାନଙ୍କ ଅଧିକାର ଓ ଶିଶୁ ସୁଲଭ ପରିବେଶ ସଂକ୍ରାନ୍ତରେ ତାଲିମ ପ୍ରଦାନ କରିଥିବା ବେଳେ ଆଇନ ପରିବୀକ୍ଷ ଅଧିକାରୀ ସନ୍ତୋଷ କୁମାର ସାହୁ ଶିଶୁମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଅଧିନିୟମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ୬୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। କାଉନ୍‌ସେଲର ରୋଜାଲିନି ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ହିସାବ ରକ୍ଷକ ହରେକୃଷ୍ଣ ସାହୁ, ଅକ୍ଷୟ କୁମାର ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗ୍ଲୋବାଲ ଆର୍ଟିଷ୍ଟ ଫୋରମ୍‌ର ‘ପ୍ରତିବିମ୍ବ’ ଉଦ୍‌ଘାଟିତ




**ପୁରୀ, ୨୩।୨(ସମିସ)**

ଓଡ଼ିଶାର କଳା ଓ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଗ୍ଲୋବାଲ ଆର୍ଟିଷ୍ଟ ଫୋରମ୍ ପକ୍ଷରୁ ଶୁକ୍ରବାର ପୁରୀରେ ଉଦ୍‌ଘାଟିତ ହୋଇଛି ପ୍ରଥମ କଳା ଶିବିର ‘ପ୍ରତିବିମ୍ବ’। ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପୁରୀ ବଳିଆପଣ୍ଡାରେ ଶନିବାର ଏହାର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ ସରିବା ପରେ ରବିବାର କୋଣାର୍କରେ ଏହାର ଉଦ୍‌ଯାପନୀ ଅନୁଷ୍ଠିତ ହେବ। ତେବେ ଉଦ୍‌ଘାଟନୀ ଅବସରରେ ବିଶିଷ୍ଟ କଳାକାର, କଳା ଛାତ୍ର, କଳା ଗ୍ୟାଲେରୀ, ସମାଲୋଚକ, ଲେଖକ ଉପସ୍ଥିତ ଥିଲେ। ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ ହୋଇଥିବା ଏହି ଶିବିର ନିଶ୍ଚିତ ଓଡ଼ିଶାର କଳା ଓ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବ ବୋଲି କହିଛନ୍ତି ଅନୁଷ୍ଠାନର ସମ୍ପାଦକ ବିଶ୍ୱରଞ୍ଜନ ଚୌଧୁରୀ। ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ସମୃଦ୍ଧିକୁ ଉଜ୍ଜୀବିତ କରିବା ଲାଗି ଏହା ଆମର ଛୋଟିଆ ଉଦ୍ୟମ। ପ୍ରତ୍ୟେକ କଳାକାର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଓ ପ୍ରତ୍ୟେକଙ୍କ ସୁଖଦୁଃଖରେ ଛିଡା ହେବା ପାଇଁ ଫୋରମ୍ ପ୍ରତିଶ୍ରୁତିବଦ୍ଧ ବୋଲି ଫୋରମ୍‌ର ସଭାପତି କହିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ଏନ୍. ଭାସ୍କର ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଭିଜୁଆଲ ଆର୍ଟିଷ୍ଟ ଫିର୍‌ଦୋସୀ ତବାସୁମ୍ ପ୍ରମୁଖ ଉପସ୍ଥିତ ଥିଲେ।

### ପୁଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

# ସମନ୍ୱୟ ରହିଲେ କାମ ସହଜ ହୋଇଯିବ





ପୁରୀ, ୨୩।୨(ସମିସ): ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୁଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଜୟ କୁମାର ଦାଶ ଗଣତନ୍ତ୍ରର ମହାପର୍ବ ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହାକୁ ସାମୁହିକ ସହଯୋଗ ଓ ପାରସ୍ପରିକ ସମନ୍ୱୟର ସହ ପାଳନ କରିବା ଉଚିତ। ଉଭୟ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପାଇଁ ନିର୍ବାଚନ ଏକ ଆହ୍ୱାନ ଓ ଏହାକୁ ସମ୍ମିଳିତ ସହଯୋଗରେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପୀନାକ ମିଶ୍ର କେବଳ ନିର୍ବାଚନ ନୁହେଁ, ସମସ୍ତ କାର୍ଯ୍ୟରେ ପୁଲିସ ଓ ମାଜିଷ୍ଟ୍ରେଟ ସମନ୍ୱୟ ଜରୁରୀ। ପୁରୀ ଜିଲ୍ଲାରେ ସବୁବେଳେ ବିଭିନ୍ନ ଆଇନ ଶୃଙ୍ଖଳା ପାଇଁ ସଜାଗ ରହିବାକୁ ପଡ଼ିଥାଏ। ତେଣୁ ପାରସ୍ପରିକ ସହଯୋଗ ନେଇ କାମ କଲେ ସମସ୍ତ କାର୍ଯ୍ୟ ସହଜ ହୋଇପାରିବ ବୋଲି ସେ କହିଥିଲେ। ଆଗାମୀ ନିର୍ବାଚନରେ ସମ୍ବେଦନଶୀଳ, ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ, ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ, ମିଳିତ ଭାବେ ନିର୍ବାଚନ ମଣ୍ଡଳୀର ବୁଥ୍ ପରିଦର୍ଶନ ଓ ନିରୀକ୍ଷଣ, ନିର୍ବାଚନ ପୂର୍ବରୁ, ନିର୍ବାଚନ ସମୟରେ ଓ ନିର୍ବାଚନ ପରବର୍ତ୍ତୀ ଅବସ୍ଥାର ଆକଳନ ସହ କୌଶଳ ନିର୍ଦ୍ଧାରଣ, ସୁରକ୍ଷା, ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ମାଜିଷ୍ଟ୍ରେଟ ଓ ପୁଲିସ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସକାଳ
THE SAKALA



## ଟ୍ରାଫିକ୍, ନୟାଗଡ଼ ମଣ୍ଡି, ମାଛ ମାର୍କେଟ୍ ଉଦ୍‌ଘାଟିତ

# 'ନୟାଗଡ଼ବାସୀଙ୍କ ସମର୍ଥନ ପାଇଁ ବିକାଶ ସମ୍ଭବ'

ନୟାଗଡ଼, ୨୩।୨(ସମିସ): ନୟାଗଡ଼ ସହର ମୁଖ୍ୟ ଟ୍ରାଫିକ ଛକର ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇ ଆଜି ଉଦ୍‌ଘାଟିତ ହୋଇଛି। ଏହା ସହିତ ବାହାଡ଼ଝୋଲା ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ରୂପାନ୍ତରିତ ନୟାଗଡ଼ ମଣ୍ଡି, ପୌର ପରିଷଦ ଦ୍ୱାରା ନିର୍ମିତ ଅତ୍ୟାଧୁନିକ ମାଛ ମାର୍କେଟ



ଉଦ୍‌ଘାଟିତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନୟାଗଡ଼ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ସଭାରେ ବିଧାୟକ ନୟାଗଡ଼ର ଟ୍ରାଫିକ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ଟ୍ରାଫିକ ନିର୍ମାଣ ବେଳେ ସୃଷ୍ଟି ହୋଇଥିବା ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ନୟାଗଡ଼ ଡିଏଫ୍‌ଓ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତରଣ ପାଇଁ ବନବିଭାଗକୁ ବିଧାୟକ ପ୍ରସ୍ତାବ ଦେଇଥିବା କହିଥିଲେ। ବିଗତ ଦିନରେ ନୟାଗଡ଼ ଏବଂ ଆଜିର ରୂପାନ୍ତରିତ ନୟାଗଡ଼ ବିଷୟରେ କହିଥିଲେ। ନୟାଗଡ଼ବାସୀଙ୍କ ଅକୁଣ୍ଠ ସମର୍ଥନ ପାଇଁ ଏହା ସମ୍ଭବ ହୋଇ ପାରୁଛି ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୟାଗଡ଼ ପ୍ରତି ଭଲପାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

ନୟାଗଡ଼ ସହର ଦିନକୁ ଦିନ ଅଭିବୃଦ୍ଧି ହେଉଥିବା ବେଳେ ବିକାଶମୂଳକ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଥିବା କହିଥିଲେ। ଏହି ଅବସରରେ ସମାଜସେବୀ ପ୍ରମୋଦ ପଟ୍ଟନାୟକ ନୟାଗଡ଼ ପାଇଁ ବିଧାୟକ ଅରୁଣଙ୍କ ନିଷ୍ଠା ଏବଂ ପରିଶ୍ରମ ବିଷୟରେ ଆଲୋଚନା କରିଥିଲେ। ବୈଠକ ପରେ ଜାତୀୟ ରାଜପଥ ବିଭାଗ ଅନୁଦାନରେ ନିର୍ମାଣ ନବନିର୍ମିତ ଟ୍ରାଫିକ ଛକକୁ ବିଧାୟକ ଜଣେ ବରିଷ୍ଠ ନାଗରିକଙ୍କ ଦ୍ୱାରା ଲୋକାର୍ପଣ କରିଛନ୍ତି। ଏଥିପାଇଁ ୨ କୋଟି ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ପାଣି ପାଇପ୍ ସ୍ଥାନାନ୍ତରଣ, ବିଦ୍ୟୁତ୍ ବ୍ୟବସ୍ଥା ସ୍ଥାନାନ୍ତରଣ, ରାସ୍ତା ନିର୍ମାଣ ଏବଂ ଗୋଲେଇ ଛକ ନିର୍ମାଣରେ ଅର୍ଥ ବ୍ୟୟ

### ■ ଡିଏଫ୍‌ଓ କାର୍ଯ୍ୟାଳୟ ସ୍ଥାନାନ୍ତରଣ ପାଇଁ ପ୍ରସ୍ତାବ

କରାଯାଇଥିବା ବିଧାୟକ ଡ. ସାହୁ ସୂଚନା ଦେଇଥିଲେ। ଏଥିସହିତ ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ଅତ୍ୟାଧୁନିକ ମାଛ ମାର୍କେଟକୁ ଲୋକାର୍ପିତ କରାଯାଇଛି। ୩ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟରେ ଏହାର ନିର୍ମାଣ କରାଯାଇଛି। ସହରକୁ ଆମିଷମୁକ୍ତ କରିବା ପାଇଁ ବିଧାୟକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଥିବା ସମୟରେ ଏହି ଅର୍ଥ ମଞ୍ଜୁର କରିଥିଲେ। ଏହା ଆଜି ଲୋକାର୍ପିତ ହୋଇଥିବା ବେଳେ ପୌର ପରିଷଦ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନେଉ ବୋଲି ବିଧାୟକ ପରାମର୍ଶ ଦେଇଥିଲେ। ଏହା ସହିତ ରୂପାନ୍ତରିତ ନୟାଗଡ଼ ମଣ୍ଡିକୁ ବିଧାୟକ ଲୋକର୍ପିତ କରିଥିଲେ। ୨ କୋଟି ୮୬ ଲକ୍ଷ ଟଙ୍କାରେ ପରିବା ବ୍ୟବସାୟୀଙ୍କ କାର୍ଯ୍ୟାଳୟ ଗୃହ, ୩ଟି ଷ୍ଟାଫ୍ କ୍ୱାର୍ଟର, ପ୍ରଶିକ୍ଷଣ ଗୃହ ନିର୍ମାଣ କରାଯିବା ସହ ସମ୍ପୂର୍ଣ୍ଣ ଅଟ୍ଟାଳିକାକୁ ରୂପାନ୍ତରିତ କରାଯାଇଛି। ଏହା ସହିତ ଉକ୍ତ ସ୍ଥାନରେ ୧୭ ଲକ୍ଷ ଟଙ୍କା ବ୍ୟୟରେ ୧୦ ମେଟ୍ରିକ ଟନ୍ ବିଶିଷ୍ଟ ଏକ ଶୀତଳଭଣ୍ଡାର ଲୋକାର୍ପିତ ହୋଇଛି। ନୟାଗଡ଼ ସହରରେ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ନୟାଗଡ଼: ନୟାଗଡ଼ ଡିଆର୍‌ଡିଏ ରାସ୍ତା ନବୋଦୟ ବିଦ୍ୟାଳୟ ନିକଟରେ ଆଜି ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଣପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା, ଜିଲ୍ଲା ପରିଷଦ ସଭ୍ୟ ସୁବାସ କଅଁର, ଚିନ୍ମୟୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ନିମନ୍ତେ ରାଜ୍ୟ ସରକାର ୪ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ଏହି କାର୍ଯ୍ୟ ସାରିବା ପାଇଁ ନୟାଗଡ଼ ବିଧାୟକ ଡ. ସାହୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଜନସାଧାରଣ ଓ ରାଜନେତା ଯୋଗ ଦେଇଥିଲେ।

● ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

## ୬୭୨ ହିତାଧିକାରୀଙ୍କୁ ୪.୫୭ କୋଟି ଟଙ୍କା ପ୍ରଦାନ




ନୟାଗଡ଼, ୨୩।୨(ସମିସ): ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମଠାରେ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଯୋଗଦେଇ ୬୭୨ ଜଣ ହିତାଧିକାରୀଙ୍କୁ ୪ କୋଟି ୫୭ ଲକ୍ଷ ୪ ହଜାର ୮ ଶହ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇଙ୍କ ସମେତ ଶ୍ରମ କାର୍ଯ୍ୟାଳୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ସାହୁ ନିର୍ମାଣ ଶ୍ରମିକଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ନିର୍ମାଣ ଶ୍ରମିକମାନେ ଅଧିକ ଉପକୃତ ହେଲେ ସମାଜର ପରିବର୍ତ୍ତନ ଆସିବ ବୋଲି ବକ୍ତବ୍ୟ ରଖିଥିଲେ। ସବୁସ୍ତରର ଜନସାଧାରଣ ବିଭିନ୍ନ ଯୋଜନାରେ କିପରି ଅଧିକ ଉପକୃତ ହେବେ ସେଥି ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରୟାସ ଜାରି ରଖିଛନ୍ତି। ଆଜି ୧୨୫ ଜଣ ହିତାଧିକାରୀଙ୍କୁ ୨ କୋଟି ୪୮ ଲକ୍ଷ ଟଙ୍କାର ମୃତ୍ୟୁଜନିତ ସହାୟତା ପ୍ରଦାନ କରିଛନ୍ତି। ଏଥି ସହିତ ଫର୍ଣ୍ଣେରାଲ ଏକ୍ସପେଣ୍ଟ ନିମନ୍ତେ ୧୦୮ ଜଣ ହିତାଧିକାରୀଙ୍କୁ ୫ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ବିବାହ ସାହାଯ୍ୟ ନିମନ୍ତେ ୩୭୬ ହିତାଧିକାରୀଙ୍କୁ ୧ କୋଟି ୮୧ ଲକ୍ଷ ୬୫ ହଜାର ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଶିକ୍ଷା ସହାୟକ ନିମନ୍ତେ ୬୭ ଜଣଙ୍କୁ ୪ ଲକ୍ଷ ୫୯ ହଜାର ୮ ଶହ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ମ୍ୟାଟ୍ରିନିକ୍ ନିମନ୍ତେ ୩ ଜଣଙ୍କୁ ୩୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ୧୦୦ ଜଣଙ୍କୁ ନିର୍ମାଣ ଶ୍ରମିକ ରେଜିଷ୍ଟ୍ରେସନ କାର୍ଡ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବହୁ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ।

● କଣ୍ଟିଲୋ ମାଘମେଳା ମହୋତ୍ସବ ଉଦ୍‌ଘାଟିତ

## 'ସଂସ୍କୃତି ଓ ପରମ୍ପରାର ପୁଣ୍ୟଭୂମି ମାଧବ କ୍ଷେତ୍ର'



ଖଣ୍ଡପଡ଼ା/କଣ୍ଟିଲୋ, ୨୩।୨(ସମିସ): ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଲଟନ ପଡ଼ିଆରେ କଣ୍ଟିଲୋ ପଞ୍ଚାୟତ ଓ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରସିଦ୍ଧ ଦ୍ୱିତୀୟ ବାର୍ଷିକ ମାଘମେଳା ମହୋତ୍ସବ-୨୦୨୪ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ ପ୍ରଥମ ସନ୍ଧ୍ୟାରେ ସ୍ଥାନୀୟ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ସଭାପତିତ୍ୱରେ ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ସ୍ୱରାଜ୍ ମିଶ୍ର ଯୋଗଦେଇ ମହୋତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସଂସ୍କୃତି ଓ ପରମ୍ପରାର ପୂଣ୍ୟଭୂମି ହେଉଛି ମାଧବ କ୍ଷେତ୍ର ବୋଲି ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟ ବକ୍ତା ଭାବେ ପଣ୍ଡିତ ମନୋଜ କୁମାର ଦାଶ ଯୋଗଦେଇ ନୀଳମାଧବଙ୍କ ବିଷୟରେ ସୁନ୍ଦର ପ୍ରବଚନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ. ରଣଜିତ କୁମାର ତ୍ରିପାଠୀ ଓ ସ୍ଥାନୀୟ ମେଡିକାଲ ଭେଷଜ ବିଜ୍ଞାନୀ ମାନସ କୁମାର ସାହୁ ଯୋଗଦେଇ ମହୋତ୍ସବ ସହିତ କଣ୍ଟିଲୋ ନୀଳମାଧବ କ୍ଷେତ୍ରର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି ସ୍ୱାଗତ ଭାଷଣ ଦେବାପରେ ସଭାକୁ ପରିଚାଳନା କରିଥିଲେ। ମହୋତ୍ସବର ସାଧାରଣ ସମ୍ପାଦକ ସିଦ୍ଧାର୍ଥ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଞ୍ଚଳର ଐତିହ୍ୟକୁ ବଞ୍ଚାଇ ରଖିବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସରପଞ୍ଚ ଶ୍ରୀୟାରାଣୀ ବେହେରା କହିଥିଲେ। ସଂସ୍କୃତି, ଐତିହ୍ୟ ତଥା ପରମ୍ପରାର ପାବନ ପୀଠ ଓ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଆରାଧ୍ୟ ଦେବ ଶ୍ରୀନୀଳମାଧବଙ୍କ ଭୌମ ଏକାଦଶୀ ମେଳା ଉପଲକ୍ଷେ ଏ ମହୋତ୍ସବ ଫେବ୍ରୁଆରୀ ୨୩ ତାରିଖରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମାର୍ଚ୍ଚ ୧ ତାରିଖରୁ ଏକ ସପ୍ତାହ ବ୍ୟାପୀ ତିନୋଟି ଅପେରା ଆସି ନାଟକ ପରିବେଷଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ସହ ମେଲୋଡି ଓ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ମହୋତ୍ସବରେ ସ୍ଥାନୀୟ ପୁଲିସ ପ୍ରଶାସନ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ ଓ ପାନୀୟଜଳ ଯୋଗାଣ ବିଭାଗ ସମ୍ପୂର୍ଣ୍ଣ ସହଯୋଗ କରିଥିବା ଜଣାପଡ଼ିଛି। ନୀଳମାଧବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଡ଼ିପଲ୍ଲୀ ବସ୍‌ଷ୍ଟାଣ୍ଡରୁ ଜବରଦଖଲ ଉଚ୍ଛେଦ

ଓଡ଼ଗାଁ, ୨୩।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ ପନ୍ତିଖାରୀ ରାଜସ୍ୱ ଅଞ୍ଚଳ ଓଡ଼ଗାଁ-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ଗୋଡ଼ିପଲ୍ଲୀ ଛକ ବସ୍‌ଷ୍ଟାଣ୍ଡ ନିକଟ ସରକାରୀ ଜାଗାରେ ଜବରଦଖଲ କରିଥିବା ୩ ଦୋକାନ ଘର ସମେତ ଗୋଟିଏ ପାଚେରିକୁ ପ୍ରଶାସନ ଦ୍ୱାରା ଭାଙ୍ଗାଯାଇ ମାଟିରେ ମିଶାଇ ଦିଆଯାଇଛି। ଜବରଦଖଲକାରୀ ମାନେ ସେହି ଗ୍ରାମ ତଳ ଗୋଡ଼ପଲ୍ଲୀ ମଧୁସୂଦନ ସାହୁଙ୍କ ପତ୍ନୀ ମିନାକ୍ଷୀ ସାହୁ, ପିତାମ୍ବର ସାହୁ, ଶତ୍ରୁଘ୍ନ ଖୁଣ୍ଟିଆ ଏବଂ ରାମକୃଷ୍ଣ ଖୁଣ୍ଟିଆ। ଜବରଦଖଲକାରୀଙ୍କୁ ହଟାଇବା ପାଇଁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଦ୍ୱାରା ଏକାଧିକ ନୋଟିସ ଜାରି କରାଯାଇଥିଲା। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଜବରଦାଖଲକାରୀ ମାନେ ସରକାରୀ ଜାଗାରୁ ନହଟିବା ଫଳରେ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ ଘଟଣାସ୍ଥଳରେ ଉପସ୍ଥିତ ରହିଥିବା ବେଳେ ସୁପରଭାଇଜର ସୁବାସ ଚନ୍ଦ୍ର ମିଶ୍ର, ବିରଞ୍ଚି ମାଝୀ, ଓଡ଼ଗାଁ ରାଜସ୍ୱ ନିରୀକ୍ଷକ ବିଷ୍ଣୁପ୍ରସାଦ ମଲ୍ଲିକ, ପନ୍ତିଖାରୀ ରାଜସ୍ୱ ନିରୀକ୍ଷକ ପଦ୍ମିନୀ ଦାସ, ଅମିନ ସନ୍ତୋଷ କୁମାର ବେହେରା, ଡିଲିଙ୍ଗ ଆସିଷ୍ଟାଣ୍ଟ ପ୍ରଦୀପ୍ତ କୁମାର ସାହୁ ପ୍ରମୁଖଙ୍କ ସହିତ ପୁଲିସ ଫୋର୍ସ ଉପସ୍ଥିତିରେ ଜେସିବି ମାଧ୍ୟମରେ ଜବରଦଖଲରେ ରହିଥିବା ଘର ଓ ପାଚେରି ଭାଙ୍ଗି ମାଟିରେ ମିଶାଯାଇଥିଲା।

### ଯୁବ ଓ ଛାତ୍ର ବିଜେଡିର ବିଶାଳ ସମାବେଶ

## 'ଯୁବକମାନେ ପରିବର୍ତ୍ତନର ବାର୍ତ୍ତାବହ'

ଭାପୁର, ୨୩।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଆୟୋଜିତ ହୋଇଥିବା ଯୁବ ଓ ଛାତ୍ର ବିଜେଡିର ଏକ ବିରାଟ ସମାବେଶରେ ରାଜ୍ୟ ଯୁବ ବିଜେଡି ମହାସଚିବ ଏଲିନା ଦାଶ ଯୋଗଦେଇ ବର୍ତ୍ତମାନ ରାଜ୍ୟରେ ରୂପାନ୍ତରଣର ଯୁଗ ଚାଲିଛି। ଏହି ରୂପାନ୍ତରଣ ଦ୍ୱାରା ଯୁବ ସମାଜ ଅଧିକ ଉପକୃତ ହୋଇଛନ୍ତି। ଯୁବକମାନେ ପରିବର୍ତ୍ତନର ବାର୍ତ୍ତାବହ ବୋଲି କହିଥିଲେ। ଭାପୁର ବ୍ଲକ ସମ୍ମୁଖ ଖେଳପଡ଼ିଆରେ ଶୁକ୍ରବାର ବିଜୁ ଜନତା ଦଳ ଯୁବ ଓ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଗା ଯୁବ ସମ୍ମିଳନୀରେ ବ୍ଲକର ଚାରି ଶହରୁ ଊର୍ଦ୍ଧ୍ୱ ଯୁବକ, ଛାତ୍ର ଯୋଗ ଦେଇଥିଲେ। ଏହି ସମାବେଶରେ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଦୁର୍ଯ୍ୟୋଧନ ବେହେରା, ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡି ସଭାପତି ଶିବପ୍ରସାଦ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, ବ୍ଲକ ବିଜୁ ଜନତା ଦଳ ସଭାପତି କାଳନ୍ଦି ଚରଣ ବାରିକ, ବ୍ଲକ




ବିଜୁ ଛାତ୍ର ଜନତା ଦଳ ସଭାପତି ସତ୍ୟବ୍ରତ ମହାରଣା, ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ ଓ ଦଳର ଜିଲ୍ଲା ଆଇଟି ସେଲ୍‌ର ରମେଶ କୁମାର ମଲ୍ଲ ଓ ଜ୍ଞାନୀ ଦେବାଶିଷ ସାହୁ ଯୋଗ ଦେଇଥିଲେ। ଏହି ବୈଠକରେ ଦଳର ଯୁବ ସଙ୍ଗଠକ ଓ ଯୁବ କର୍ମୀଙ୍କୁ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଓ ଯୁଗାନ୍ତକାରୀ ଯୋଜନାଗୁଡ଼ିକୁ ପ୍ରଚାର ପ୍ରସାର କରି ସାଧାରଣ ଜନତାଙ୍କୁ ଅବଗତ କରାଇବାକୁ ଅତିଥିମାନେ ଉପଦେଶ ଦେଇଥିଲେ।

## ଯକ୍ଷ୍ମାମୁକ୍ତ ପଞ୍ଚାୟତ ସଚେତନତା

ନୟାଗଡ଼, ୨୩।୨(ସମିସ): ନୟାଗଡ଼ ଜିଲ୍ଲା ପଞ୍ଚାୟତ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଟିବିମୁକ୍ତ ପଞ୍ଚାୟତ ସମ୍ପର୍କରେ ସମସ୍ତ ପଞ୍ଚାୟତ ବିଭାଗ କର୍ମକର୍ତ୍ତାଙ୍କୁ ନେଇ ସୃଜନ ସଭାଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ଉପସଭାପତି ବିଷ୍ଣୁପ୍ରିୟା ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ରାଜ୍ୟ ଟିବି ଯୁଗ୍ମ ନିର୍ଦ୍ଦେଶକ ଅର୍ଘ ପ୍ରଧାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡା. ଶରତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯକ୍ଷ୍ମା ରୋଗ ଚିକିତ୍ସା ନିରାକରଣ ଯକ୍ଷ୍ମାମୁକ୍ତ ପଞ୍ଚାୟତ ଗଠନ କରିବା ପାଇଁ ପଞ୍ଚାୟତସ୍ତରରେ ସଚେତନତା କରାଯିବା ପାଇଁ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁବାସ ନାୟକ, ଜିଲ୍ଲାର ସମସ୍ତ ଜନପ୍ରତିନିଧି, ସମସ୍ତ ପଞ୍ଚାୟତ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଚିକିତ୍ସା ଅଧିକାରୀ, ଜିଲ୍ଲା ସଂଯୋଜକ ରୁଦ୍ର ପ୍ରସାଦ ଜେନା, ଦିଲ୍ଲୀପ ପ୍ରଧାନ, ଆଶୁତୋଷ ସାମନ୍ତସିଂହାରଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୧୩୮୮ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ଓଡ଼ଗାଁ, ୨୩।୨(ସମିସ): ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଡ଼ଗାଁ ବ୍ଲକର ୧୮ ଟି ପଞ୍ଚାୟତ ଓ ଓଡ଼ଗାଁ ଏନ୍‌ଏସିର ୧୩୮୮ ଜଣ ହିତାଧିକାରୀଙ୍କୁ ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବଣ୍ଟନ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ବ୍ଲକ ତଥା ଏନଏସିର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନର ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ନିଜ ନିଜ ପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ରାଜ୍ୟ ସରକାରଙ୍କ ସାମଗ୍ରିକ ବିକାଶ ସହିତ ବରିଷ୍ଠ ନାଗରିକ, ଗରିବ ଗୁରୁବା ଓ ଅସହାୟ ଜନସାଧାରଣଙ୍କ ସାମାଜିକ ସୁରକ୍ଷା ଲାଗି ପ୍ରତିବଦ୍ଧତାର ଏହାହିଁ ଏକ ନିଦର୍ଶନ। ରାଜ୍ୟ ସରକାର ଓଡ଼ିଶାର ଗରିବ ଜନସାଧାରଣଙ୍କର ଆଶ୍ୱସ୍ତି ପାଇଁ ଭତ୍ତା ଟଙ୍କା ଦୁଇଗୁଣା ବୃଦ୍ଧି କରିବା ସହ ରେସନକାର୍ଡଧାରୀଙ୍କୁ ୧ ହଜାର ଟଙ୍କାର ସହାୟତା ପ୍ରଦାନ କରୁଛନ୍ତି ବୋଲି ମୁଖ୍ୟ ଅତିଥି ଡ. ସାହୁ କହିଥିଲେ। ବର୍ତ୍ତମାନ ସୁଦ୍ଧା ଓଡ଼ଗାଁ ବ୍ଲକର ୧୮ ପଞ୍ଚାୟତର ୧୫ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ପାଇବା କୌଣସି କମ କଥା ନୁହେଁ। ଏହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ବିଧାୟକ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଜିତେନ୍ଦ୍ର କୁମାର ନାୟକ,



ଉପାଧ୍ୟକ୍ଷା ମୀରା ନାୟକ, ଜିଲ୍ଲା ପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରାଜସ୍ୱିନୀ ପ୍ରଧାନ, ସୋସାଇଟି ସଭାପତି ବିଭୁପ୍ରସାଦ ସାହୁ, କୁରାଳ ସରପଞ୍ଚ ବିଜନ ପାଇକରାୟ ଓ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ନୟାଗଡ଼ ଆଗୁଆ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୪ଟି ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

ନୟାଗଡ଼, ୨୩।୨(ସମିସ): ନୟାଗଡ଼ ପୌର ପରିଷଦ ସମେତ ଦଶପଲ୍ଲା, ଓଡ଼ଗାଁ, ଖଣ୍ଡପଡ଼ା ଏନ୍‌ଏସିରେ ଆଜି ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଏହା ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଅଶୋକ କୁମାର ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାଶ, ବିଭାଗୀୟ ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ନୟାଗଡ଼ ଷ୍ଟାଡିୟମ୍‌ଠାରେ ନୂତନ ଭାବେ ନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଉଦ୍‌ଘାଟିତ ହୋଇଛି। ୯ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ଷ୍ଟାଡିୟମରେ ଖେଳାଳିଙ୍କ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଟେବୁଲ୍ ଟେନିସ, ଜିମ୍, ବ୍ୟାଡମିଣ୍ଟନ, ଭାରୋତ୍ତଳନ, ଯୋଗ କରିବା ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିଛି। ଏହି ଷ୍ଟାଡିୟମ୍ ବାତ୍ୟା ବନ୍ୟାରେ ଆଶ୍ରୟସ୍ଥଳ ସହ ପରୀକ୍ଷା କେନ୍ଦ୍ର, ସଭାସ୍ଥଳ ଏବଂ ତାଲିମ କାର୍ଯ୍ୟ ପାଇଁ ବ୍ୟବହାର ହୋଇପାରିବ। ଏଠାରେ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇ ଫଳକ ଉଦ୍‌ଘାଟନ କରିଥିଲେ। ଏହାପରେ ଷ୍ଟାଡିୟମ ପରିସର ବୁଲିବା ସହ ଟେବୁଲ୍ ଟେନିସ ଖେଳିଥିଲେ। ଏହି ଷ୍ଟାଡିୟମ ସହରର କ୍ରୀଡ଼ାପ୍ରେମୀଙ୍କ ପାଇଁ ଉତ୍ସର୍ଗୀକୃତ। କ୍ରୀଡ଼ା ଦିଗରେ ଛାତ୍ରଛାତ୍ରୀଙ୍କୁ ଅଧିକ ଉନ୍ନତ କରିବା ଲାଗି ଏହି ଷ୍ଟାଡିୟମ୍ ବେଶ୍ ସହାୟକ ହେବ ବୋଲି ନୟାଗଡ଼ ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ କଲେଜ ଛାତ୍ରଛାତ୍ରୀ ଯୋଗଦେବା ସହ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ଏହା ସହିତ ଖଣ୍ଡପଡ଼ାଠାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଳୋ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ଓ ଖଣ୍ଡପଡ଼ା ଏନ୍‌ଏସିରୁ ସ୍ୱୟଂ ସହାୟକ ଗୋଷ୍ଠୀ, ସାଧାରଣ ଜନତା, ବୁଦ୍ଧିଜୀବୀ ଓ ବହୁ ସାମ୍ବାଦିକ ଯୋଗ ଦେଇଥିଲେ। ଓଡ଼ଗାଁଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ଜିଲ୍ଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, ତହସିଲଦାର ଡ. ମାନଓ ରଞ୍ଜନ ଭୋଇ ଯୋଗ ଦେଇଥିଲେ। ଦଶପଲ୍ଲା ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।




## ବ୍ଲକସ୍ତରୀୟ ମନରେଗା ଶୁଣାଣି ଶିବିର

ଭାପୁର, ୨୩।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଶୁକ୍ରବାର ଏକ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ବିଡିଓ ରଣଜିତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ନୋଡାଲ ଅଫିସର ତଥା ଏପିଡି ଫାଇନାନ୍ସ ମନୋରଞ୍ଜନ ହୋତା, ଆମ୍ବୁସମ୍ୟାନ ଗିରିଶ ଚନ୍ଦ୍ର ଦାସ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମହେଶ ପ୍ରସାଦ ନାୟକ, ଏପିଓ ଅରୁଣ କୁମାର ଚିନରା ଉପସ୍ଥିତ ରହି ମନରେଗାର ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ବ୍ଲକରେ ଏବର୍ଷ ୧୦ କୋଟି ୬୬ ଲକ୍ଷରୁ ଅଧିକ ଟଙ୍କାର କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ବ୍ଲକରେ ମୋଟ ୨୧୭୩୩ ଜବ୍‌କାର୍ଡଧାରୀଙ୍କ ମଧ୍ୟରୁ ୧୦୩୦୨ କାର୍ଡ ହୋଲଡରଙ୍କୁ ୩୮୭୫୩୮ ଶ୍ରମ ଦିବସ ସୃଷ୍ଟି କରାଯାଇ କାର୍ଯ୍ୟ ପ୍ରଦାନ କରାଯାଇଛି। ଏହି ଜନଶୁଣାଣି ସମୟରେ ଉଦ୍ୟାନ ବିଭାଗ ଅନେକ ବେନିୟମ କାର୍ଯ୍ୟ ଲୋକଲୋଚନକୁ ଆସିଥିବାରୁ ବିଭାଗୀୟ ଅଧିକାରୀଙ୍କୁ କଡ଼ା ଭର୍ତ୍ସନା କରିବା ସହ ଆଇନଗତ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଏହି ବୈଠକରେ ବ୍ଲକର ସମସ୍ତ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ, ଗ୍ରାମ ସାଥୀ ଯୋଗ ଦେଇଥିଲେ।



# ହତ୍ୟାକାରୀକୁ ଆଜୀବନ

**ଖୋର୍ଦ୍ଧା, ୨୩।୨ (ସମିସ):** ଏକ ହତ୍ୟା ମାମଲାର ବିଚାର କରି ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଜୟ କୁମାର ପ୍ରଧାନ ଶୁକ୍ରବାର ଅଭିଯୁକ୍ତ କୃତ୍ତିବାସ ପାଇକରାୟ ଓରଫ ଭିକୁକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ହେଲେ, ୧ବର୍ଷ ଅଧିକ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନା ମୁତାବକ, ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅର୍ନ୍ତଗତ ତାଳପଡ଼ା ଗୋଠପଡ଼ିଆଠାରେ ଗତ ୨୦୧୮ ଜାନୁଆରୀ ୨୦ରେ ଟାଙ୍ଗି ବ୍ଲକର ଗ୍ରାମସେବକମାନେ ଆସି ଧାଡିରୁଆ ଓ ଚାଷ ସର୍ମ୍ପକରେ ଲୋକମାନଙ୍କୁ ସଚେତନ କରାଉଥିଲେ। କୃତ୍ତିବାସ ହଠାତ ସେଠାରେ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବା ସହ ବଡ଼ପୋଖରିଆ ପଞ୍ଚାୟତର ଗ୍ରାମ ସେବକକୁ ଧକ୍କା ମାରିଥିଲା। ସେଠାରେ ଉପସ୍ଥିତ ଥିବା ଚରଣ ବେହେରା ଏହାର ପ୍ରତିବାଦ କରିବାରୁ କୃତ୍ତିବାସ ପକେଟ୍‌ରୁ ଏକ ଛୁରି ବାହାର କରି ଚରଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁତର ଚରଣଙ୍କୁ ଖୋର୍ଦ୍ଧା ଜିଲ୍ଲା ସରକାରୀ ଗୋପବନ୍ଧୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରାକାରପୁର ପୁଲିସ ଚରଣଙ୍କ ଭାଇ ପଙ୍କଜ ପ୍ରଧାନଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରି କୃତ୍ତିବାସକୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଅନୀଲ କୁମାର ପଟ୍ଟନାୟକ ଓ ରଜନୀକାନ୍ତ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

# ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର୍ ଷ୍ଟାଡିୟମ ଉଦ୍‌ଘାଟିତ

**ଖୋର୍ଦ୍ଧା, ୨୩।୨(ସମିସ)**




ଖୋର୍ଦ୍ଧାରେ ଏକ ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମ୍ ଭର୍ଚୁଆଲ ମୋଡ଼ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ୧୬ ନମ୍ବର ଜାତୀୟ ରାଜପଥ ଠାରୁ ବାଜପୁର ରାସ୍ତା ମଧ୍ୟରେ ନିର୍ମିତ ହୋଇଥିବା ଷ୍ଟାଡ଼ିୟମକୁ ମୁଖ୍ୟମନ୍ତ୍ରୀ ଏହାକୁ ଲୋକାର୍ପଣ କରିଥିଲେ। ଯାହାକି କ୍ରିଡ଼ା ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି। ସୂଚନା ଯୋଗ୍ୟ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ ପଛପଟେ ୫ଏକର ଜାଗାରେ ନିର୍ମିତ ୯କୋଟି ଟଙ୍କା ବ୍ୟୟରେ ଏହି ଷ୍ଟାଡ଼ିୟମକୁ ନିର୍ମାଣ କରାଯାଇଛି। ଗତ ୨୮ ଫେବୃୟାରୀ ୨୦୨୨ରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ନିର୍ମାଣ ପାଇଁ ଠିକାଦାରଙ୍କ ସହିତ ଚୁକ୍ତି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଭିତି ପ୍ରସ୍ତର ହୋଇଥିଲା। ଦୁଇ ବର୍ଷ ଭିତରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଲୋକାର୍ପଣ ହୋଇପାରିଛି। ଶୁକ୍ରବାର ଅନୁଷ୍ଠିତ ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲାପାଳ ଚଞ୍ଚଳ ରାଣା, ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଜିଲ୍ଲା କ୍ରୀଡ଼ାଧିକାରୀ ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଏଠାରେ ରାଜ୍ୟସ୍ତରୀୟ ବିଭିନ୍ନ ଇଣ୍ଡୋର ଖେଳ ପ୍ରତିଯୋଗିତା ଆଗାମୀ ଦିନରେ କରାଯିବା ପାଇଁ ସ୍ଥିର ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ଷ୍ଟାଡ଼ିୟମ ଜିଲ୍ଲାରେ ଥିବା ବହୁ କ୍ରୀଡ଼ା ପ୍ରେମୀ ନିଜର ପ୍ରତିଭା ଦେଖାଇବା ସହିତ ଉପକୃତ ହେବେ ବୋଲି ଶ୍ରୀ ବେହେରା କହିଛନ୍ତି।

# ଉଦ୍‌ଘାଟିତ ହେଲା ମଲ୍ଲିପଦର ଆମ ଗାଁ ମହୋତ୍ସବ



**ବେଗୁନିଆ, ୨୩।୨(ସମିସ):** ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର ଆମ ଗାଁ ମହୋତ୍ସବର ସଭାପତି ବିଦ୍ୟାଧର ମହାରଣାଙ୍କ ଆବାହକତ୍ୱରେ ଉଦ୍‌ଘାଟିତ ହୋଇଛି। ଏଥିରେ ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀ ଅଧ୍ୟକ୍ଷତା ଓ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକଉପଧ୍ୟକ୍ଷା ସାବିତ୍ରୀ ମହାପାତ୍ର ମୁଖ୍ୟବକ୍ତା, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଅସିତ କୁମାର ତ୍ରିପାଠୀ ଓ ସମାଜସେବୀ ମନୋଜ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ।ସଭାର ପ୍ରାରମ୍ଭରେ ମୃତ୍ୟୁଞ୍ଜୟ ମହାପାତ୍ର ବେଦପାଠ କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ପାଣ୍ଡବ ସାହୁ, କବୟିତ୍ରୀ ତଥା ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ମହାପାତ୍ର, କବି ଭାସ୍କର ମହାନ୍ତି, କୃଷକ ଗଙ୍ଗାଧର ସାହୁ ଓ ଶିଳ୍ପୀ ନିତ୍ୟାନନ୍ଦ ସୁବୁଦ୍ଧିଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ଓଡ଼ିଶୀ ଓ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଧାନାଥଙ୍କ ଶ୍ରାଦ୍ଧ ଦିବସରେ ବୃଦ୍ଧାଶ୍ରମରେ ଫଳ ବଣ୍ଟନ



**ଟାଙ୍ଗୀ/କାଳୁପଡ଼ାଘାଟ ୨୩।୨ (ସମିସ):** ବିଶିଷ୍ଟ ଜନନାୟକ ପଦ୍ମଭୂଷଣ ସ୍ୱର୍ଗତ ଡା ରାଧାନାଥ ରଥଙ୍କର ଶ୍ରାଦ୍ଧ ଦିବସ ଦିବସ ଉପଲକ୍ଷେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଅନ୍ତେବାସୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରାସ୍ମାମାନଧାତା, ସମିତି ସଭ୍ୟା ସୁଦିପ୍ତା ବେହେରା, ବିଶିଷ୍ଟ ପରିବେଶବିତ୍ର ସନ୍ତୋଷ ଚନ୍ଦ୍ର କର, ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ଆଇନ ପରାମର୍ଶଦାତା ସନ୍ଦିପନୀ ମିଶ୍ର, ପ୍ରବକ୍ତା ସରୋଜ କୁମାର ପାଇକରାୟ, ଜୟନ୍ତ କୁମାର ସୁବୁଦ୍ଧି, ରଜନୀକାନ୍ତ ମିଶ୍ର, ବିଜେଡି ନେତା ପବିତ୍ର ପାଇକରାୟ, ନିଳକଣ୍ଠ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତେବାସୀଙ୍କ ସୁବିଧା ଅସୁବିଧା ସର୍ମ୍ପକରେ ବେଗୁନିଆ ବିଧାୟକ ଶ୍ରୀ ସାହୁ ବୁଝାବୁଝି କରିଥିଲେ। ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ଏପରି କାର୍ଯ୍ୟକ୍ରମକୁ ବିଧାୟକ ଶ୍ରୀ ସାହୁ ପ୍ରଶଂସା କରିଥିଲେ।

## ଗଞ୍ଜେଇ ଜବତ; ଅଭିଯୁକ୍ତ ଗିରଫ

**ବେଗୁନିଆ, ୨୩।୨(ସମିସ):** ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବାଘମାରୀ ଛକ ଠାରେ ପାଟ୍ରୋଲିଂ କରୁଥିବା ସମୟରେ ଅତର୍କିତ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରି ଗଞ୍ଜେଇ ଜବତ କରିଛି। ବେଗୁନିଆ ଅବକାରୀ ଥାନା ଅଧିକାରୀ ଏନ ଜାଗିନ ରାଓ ସୂଚନା ମୁତାବକ ବାଘମାରୀ ଠାରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ମାଣ୍ଡିଆପଦର(ବିଶିଆପଡ଼ା) ଟୁକୁନା ସାହାଣୀ (୩୬)ଙ୍କ ଠାରୁ ୫କେଜି ଗଞ୍ଜେଇ ଜବତ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦୁର୍ଘଟଣାରେ ଜଣେ ମୃତ

**ଜଟଣୀ, ୨୩।୨(ସମିସ):** ଜଟଣୀ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ଜଟଣୀ ମୁଖ୍ୟରାସ୍ତାର ନାଇଜରର ସମ୍ମୁଖରେ ସଡକ ଦୁର୍ଘଟଣାରେ ନାଇଜରର ଜଣେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ଜଟଣୀଥାନା ଅନ୍ତର୍ଗତ ହରିପୁରର ଜ୍ୟୋତିରଞ୍ଜନ ମଙ୍ଗରାଜ(୩୪)। ମୃତ ଜ୍ୟୋତିରଞ୍ଜନ ଜଟଣୀ ବ୍ଲକର ପୂର୍ବତନ ଅଧ୍ୟକ୍ଷଙ୍କ ସାନଭାଇ ବୋଲି ଜଣାପଡ଼ିଛି। ଜ୍ୟୋତିରଞ୍ଜନ ଗୁରୁବାର ବିଳମ୍ବିତ ରାତିରେ ନିଜ ଘର ହରିପୁରରୁ କର୍ମକ୍ଷେତ୍ର ନାଇଜରକୁ ଆସୁଥିବା ବେଳେ ମୁଖ୍ୟ ରାସ୍ତା ଉପରେ ଏକ ପାଣି ଟ୍ୟାଙ୍କର ଧକ୍କା ଦେଇ ଚମ୍ପଟ ମାରିଥିଲା। ଘଟଣାସ୍ଥଳରେ ଜ୍ୟୋତିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଜଟଣୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣାସ୍ଥଳର ତଥ୍ୟ ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ସିସିଟିଭି ଫୁଟେଜ ଯାଞ୍ଚ ଆରମ୍ଭ କରାଯାଇଛି।

## ମା'ରାମଚଣ୍ଡୀ ମନ୍ଦିରରେ ଚଣ୍ଡୀ ମହାଯଜ୍ଞ

**ଟାଙ୍ଗୀ/କାଳୁପଡ଼ାଘାଟ, ୨୩।୨(ସମିସ):** ଚାନ୍ଦପୁର ଗାଁରେ ଅବସ୍ଥିତ ବିଜେ ମା'ରାମଚଣ୍ଡୀ ଦେବୀଙ୍କ ପୀଠରେ ବିଶ୍ୱ କଲ୍ୟାଣ ଲାଗି ତିନି ଦିନ ବ୍ୟାପୀ ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦପୁର ସ୍ଥିତ ନେଳିଆ ପୋଖରୀ ଠାରୁ କଳସ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଅଶୋକ ସାହୁ ଓ ପତ୍ନୀ ସତ୍ୟଭାମା ସାହୁ କର୍ତ୍ତା ଓ କର୍ତ୍ତ୍ରି ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ଅଙ୍କୁରାରୋପଣ, ଜଳଯାତ୍ରା, ସୂର୍ଯ୍ୟପୂଜା, ସଲାପୂଜା ରୀତିନୀତି ଅନୁସାରେ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ଶୁଭ ମୁହୂର୍ତ୍ତରେ ଏକ ବିଶାଳ ଘଣ୍ଟି ମନ୍ଦିର ପରିସରରେ ସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମ୍ୟ ସଭାପତି ସୁକାନ୍ତ କିଶୋର ସେନାପତି, ରଘୁନାଥ ସାହୁ, ବାମୋଦର୍ ସାହୁ, ଜିତେନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁ, ବିଜୟ ନାୟକ, ପୂର୍ଣାନନ୍ଦ ବେହେରା, ଗଙ୍ଗାଧର ପ୍ରଧାନ, ନକୁଳ ପ୍ରଧାନ, ପ୍ରଫୁଲ୍ଲ ସାହୁ, ଶଙ୍କର ସାହୁ, ବାଉରୀ ବନ୍ଧୁ ପାତ୍ର, ପ୍ରଦୀପ କୁମାର ସାହୁ, ଗୋପାଳ ନାୟକ ଓ ବାଉରୀବନ୍ଧୁ ବେହେରା ପ୍ରମୁଖଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ।

## ୮୫ ଜଣ ପାଇଲେ ବର୍ଦ୍ଧିତ ଭତ୍ତା

**ଟାଙ୍ଗୀ, ୨୩।୨(ସମିସ):** ଟାଙ୍ଗୀ ବ୍ଲକ ଅଧିନସ୍ଥ ଭୁଷଣ୍ଡପୁର ପଞ୍ଚାୟତରେ ୮୫ ଜଣ ନୂତନ ହିତାଧିକାରୀ ଭତ୍ତା ପାଇଥିବା ଜଣାପଡ଼ିଛି। ପୂର୍ବରୁ ଏହି ପଞ୍ଚାୟତର ୮୪୯ ଜଣ ହିତାଧିକାରୀ ଭତ୍ତା ପାଇଥିଲେ। ଏହି ୮୫ ଜଣକୁ ମିଶାଇ ହିତାଧିକାରୀଙ୍କ ସଂଖ୍ୟା ୯୩୪ ଜଣରେ ପହଁଞ୍ଚିଛି। ଶୁକ୍ରବାର ଭୂଷଣ୍ଡପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସୌରଭ ଦାସମହାପାତ୍ର, ଯୋଗାଣ ସହାୟକ ସୁରେନ୍ଦ୍ର ବେହେରା, ୱାର୍ଡ ସଭ୍ୟ ତପନ ଜେନା ପ୍ରମୁଖ ଉପସ୍ଥିତ ରହି ଭତ୍ତା ପ୍ରଦାନ କରିଥିଲେ।

# ଆଇନ ସଚେତନତା ଶିବିର

**ବାଣପୁର, ୨୩।୨(ସମିସ):** ବାଣପୁର ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ କମିଟିର ଅଧ୍ୟକ୍ଷ ତଥା ବାଣପୁର ଅଦାଲତର ସହକାରୀ ଦୌରାଜଜ୍ ମନୋରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ବାଣପୁର ବ୍ଲକ ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଚେତନତା ଶିବିରରେ ଫ୍ରଣ୍ଟ ଅଫିସ ରିଟେନର ପ୍ରଦୀପ୍ତ ପ୍ରଧାନ, ଆଇନଜୀବି ସଚ୍ଚିତ ମିଶ୍ର, ବିପ୍ଳବ ମୁଦୁଲି ଓ ନନ୍ଦପୁର ପଞ୍ଚାୟତ ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ପ୍ରବାସୀ ଶ୍ରମିକଙ୍କ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ସମାଧାନ ସର୍ମ୍ପକରେ ଆଲୋକପାତ କରିଥିଲେ। ତତ୍ ସହିତ ନିର୍ମାଣ ଶ୍ରମିକଙ୍କ ପାଇଁ ଲେବର କାର୍ଡ ମାଧ୍ୟମରେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା, ସଂଗଠିତ ଓ ଅଣ ସଂଗଠିତ ଶ୍ରମିକଙ୍କ ପାଇଁ ନୂତନ କାର୍ଡ ତିଆରି ଓ ଏହାର ନବିକରଣ, ଅନଲାଇନ୍ ଜରିଆରେ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପାଇବା ନିମନ୍ତେ ଆବେଦନ କରିବା ସର୍ମ୍ପକରେ ଉପସ୍ଥିତ ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଶ୍ରମିକ ଓ ସ୍ଥାନୀୟ ଜନସାଧାରଣ ମାନଙ୍କୁ ସଚେତନ କରାଯାଇଥିଲା।

# 'ବିକଶିତ ଭାରତ ବିକଶିତ ରେଲୱେ -୨୦୪୭' କାର୍ଯ୍ୟକ୍ରମ



**ଜଟଣୀ, ୨୩।୨(ସମିସ):** ସାରା ଦେଶରେ ଭାରତୀୟ ରେଳବାଇ ଦ୍ୱାରା ନିଆଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ସଚେତନତା ଏବଂ ଆଗ୍ରହ ସୃଷ୍ଟି କରିବା ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା, ମଣ୍ଡଳରେ ଥିବା ବିଭିନ୍ନ ବିଦ୍ୟାଳୟରେ ସ୍କୁଲ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ବିକଶିତ ଭାରତ ବିକଶିତ ରେଲୱେ -୨୦୪୭'ଏହି ଅବସରରେ ଭଦ୍ରକ, କେନ୍ଦୁଝର, ଯାଜପୁର, କାଇପଦର, ମଞ୍ଚେଶ୍ୱର, ଭୂଷଣ୍ଡପୁର, ସାକ୍ଷୀଗୋପାଳ, ପୁରୀ, ଜଗନ୍ନାଥପୁର ଇତ୍ୟାଦି ମୋଟ ୨୧ ଟି ବିଦ୍ୟାଳୟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୧୭୨ ପିଲା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ୨୬ତାରିଖ ରେ ବିଭିନ୍ନ ସ୍ଥାନରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ସେମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ।

# ୟଙ୍ଗ ଉତ୍କଳ କ୍ଲବ୍ ପ୍ରଥମ ସେମି ଫାଇନାଲରେ ପ୍ରବେଶ

### ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବେଗୁନିଆ, ୨୩।୨(ସମିସ):** ବେଗୁନିଆ ବ୍ଲକ କୁଶପଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଥିଲା। ମ୍ୟାଚ୍ କମିଶନର ଦୟାନ ଖାଁଙ୍କ ନେତୃତ୍ୱରେ ସ୍ଥାନୀୟ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟଅତିଥି, ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ନୟାଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ହଜରତ ଅଲ୍ଲୀ ଖାଁ, ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଖାଁ, ସମାଜସେବୀ ଅନୱର ଖାନ, ହାଜି ଏସକେ ମୁବାରକ, ସୁନିଲ କୁମାର ପଟ୍ଟନାୟକ, ଲଡୁ କିଶୋର ପଟ୍ଟନାୟକ ଓ ଏସ୍‌କେ ସମସୁଦ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ବିଶାଖପାଟଣା ଭାଇଯାଗ ସିଟି ଫୁଟବଲ କ୍ଲବ ଓ କଟକ ୟଙ୍ଗ ଉତ୍କଳ ଫୁଟବଲ କ୍ଲବ୍ ମଧ୍ୟରେ ଖେଳ ହୋଇଥିଲା। ଏଥିରେ କଟକ ୟଙ୍ଗ ଉତ୍କଳ ଫୁଟବଲ କ୍ଲବ ୪/୦ ଗୋଲରେ ବିଜୟ ଲାଭ କରି ପ୍ରଥମ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ରେଫରି ରାଜୁ ମହାନ୍ତି ଲାଇନ ମ୍ୟାନ ବିଦେଶୀ ନାୟକ, ପ୍ରଫୁଲ୍ଲ ବେହେରା ଓ ପ୍ରିୟବ୍ରତ ବାହିନୀପତି ପ୍ରମୁଖ ପରିଚାଳନା କରିଥିଲେ। ରମାକାନ୍ତ ପାତ୍ର ଓ ଫୈଜଲ ହୁସେନ ଖାଁ ଭାଷ୍ୟକାର ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଲିଟିଲ୍ ୱାର୍ଲଡ୍ ସ୍କୁଲର ବାର୍ଷିକ ଉତ୍ସବ




**ବାଲୁଗାଁ, ୨୩।୨(ସମିସ) :** ସ୍ଥାନୀୟ ଲିଟିଲି ୱାର୍ଲଡ଼ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ନୀରଜ କୁମାର ଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବର ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ପଞ୍ଚାନନ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ରାଜ କିଶୋର ସାହୁ, କୁନା ମହାପାତ୍ର ଓ ନାଟ୍ୟ ନିର୍ଦ୍ଦେଶକ ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଇଂରାଜୀ ଶିକ୍ଷାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁଗନ୍ଧରାଜ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷା ନମିତା ଝା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷା ପୁଷ୍ପ ସିଂ ରାଠୋର ଧନ୍ୟବାଦ ଦେଇଥିଲେ।

# ରକ୍ତଦାନ ଶିବିର; ୨୯ ୟୁନିଟ ସଂଗ୍ରହ

**ଖୋର୍ଦ୍ଧା, ୨୩।୨(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧୀକରଣ ଭୁବନେଶ୍ୱର ଓ ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ଆନୁକଲ୍ୟରେ ଶୁକ୍ରବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ସଡକ ସୁରକ୍ଷା ଆଇନ ସଚେତନତା ଅବସରରେ ରକ୍ତଦାନ ଶିବର ଅନୁଷ୍ଠିତ ହୋଇ ଯାଇଛି। ଶିବିରକୁ ଖୋର୍ଦ୍ଧା ଜିଲ୍ଲା ଜଜ ନିଶିଥ ନିଶଙ୍କ ଉଦ୍‌ଘାଟନ କରିଥିବା ବେଳେ ଶିବିରରୁ ୨୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆଇନଜୀବୀ ଓ ପୁଲିସ କର୍ମଚାରୀ ରକ୍ତଦାନ କରିଥିଲେ। ଅତିଥି ଭାବେ ଖୋର୍ଦ୍ଧା ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ ଅଜୟ ପ୍ରଧାନ, ପରିବାର ଅଦାଲତ ବିଚାରପତି ରାଜେଶ ନାୟାର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶରତ ଜେନା, ଦେଓାନୀ ବିଚାରପତି ମହିଳା ବିଭାଗ ଚିନ୍ମୟୀ ରଥ, ଦେଓାନୀ ବିଚାରପତି (ବରିଷ୍ଠ) ସୁନୀତା କୁମାରୀ ଖଣ୍ଡେଲଓାଲ, ଏସଡିଜେଏମ ଜଗଦୀଶ ଚନ୍ଦ୍ର ଜେନା, ଜେଏମଏଫସି (କଗ) ଲିପସା ରାଉତ, ଦେଓାନୀ ବିଚାରପତି (କନିଷ୍ଠ) ପ୍ରଭାତ ସାମଲ, ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସମ୍ପାଦିକା ସୌଦାମିନୀ ସିଂହ, ପ୍ରମୁଖ ଯୋଗ ଦେଇଥିଲେ। ତାଲୁକ ଆଇନ ସେବା କମିଟି ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲ୍ଲା ଏସ୍‌ପି ସିଦ୍ଧାର୍ଥ କଟାରିଆ, ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ସଭାପତି ସର୍ବେଶ୍ୱର ସାହୁ, ସମ୍ପାଦକ ମନ୍ମଥ କୁମାର ମିଶ୍ର, ଆର୍ଦଶ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ ନାୟକ ଓ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଗୋପବନ୍ଧୁ ସରକାରୀ ଡାକ୍ତରଖାନାର ଡାକ୍ତର ଓ କର୍ମଚାରୀ ଯୋଗ ଦେଇଥିଲେ।

# ତିନି ଉଚ୍ଚବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଖୋର୍ଦ୍ଧା, ୨୩।୨(ସମିସ)**



ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓଡ଼ିଶା ସରକାରଙ୍କ ଏକ ଅଭିନବ, ଉତ୍ସାହିତ ଓ ପ୍ରୋତ୍ସାହିତ କାର୍ଯ୍ୟକ୍ରମ। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଶିକ୍ଷାର୍ଥୀ, ଶିକ୍ଷକ, ପଞ୍ଚାୟତ, ବିଦ୍ୟାଳୟ, ବ୍ଲକ, ଆଲୁମିନି ପରିଚାଳନା କମିଟି, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି। ଫେବୃଆରୀ ୨୧ ତାରିଖରେ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବିଜେବି ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ଭଗବତ ଦେବ ବିଦ୍ୟାପୀଠ, ଜଙ୍କିଆ ଗୁରୁଜଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟ ଆଦି ତିନଗୋଟି ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ ସିଂ, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି ପ୍ରମୁଖ ଉପସ୍ଥିତ ରହି ପୁରସ୍କାରଧାରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ଭଗବତ ଦେବ ବିଦ୍ୟାପୀଠ ଜଙ୍କିଆର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସର୍ମିଳା ବିଶ୍ୱାଳ, ଗୁରୁଜଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ କୁମାର ପାଣି ଉପସ୍ଥିତ ରହି ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

### ମା'ଅଁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଅରାଙ୍ଗ ଓ କଲ୍ୟାଣପୁର ବିଜୟୀ

**ଖୋର୍ଦ୍ଧା, ୨୩।୨(ସମିସ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଟାଙ୍ଗିଆପଡ଼ା ପଞ୍ଚାୟତର ଉଇଲକିଶନ ନଗରଗ୍ରାମରେ ଗୁରୁବାର ମା'ଅଁଳାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି।ପ୍ରଥମ ଦିବସରେ ଦୁଇଟି ପର୍ଯ୍ୟାୟରେ ୪ଟି ଦଳକୁ ନେଇ ଅନୁଷ୍ଠିତ ହୋଇ ଥିବା ପ୍ରଥମ ମ୍ୟାଚ୍‌ରେ କୁମାରବସ୍ତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୯ ଉଇକେଟରେ ମୋଟ ୨୦୬ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରତିପକ୍ଷ ଅରାଙ୍ଗ ଦଳ ମାତ୍ର ୧୩.୪ ଓଭର ରେ ୬ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କଲ୍ୟାଣପୁର ଓ ଗୁଡୁମ ମଧ୍ୟରେ ହୋଇଥିଲା। ଗୁଡୁମ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୬୪ରନ ସଂଗ୍ରହ କରିଥିଲା।ଜବାବରେ ପ୍ରତିପକ୍ଷ କଲ୍ୟାଣପୁର ଦଳ ମାତ୍ର ୯.୫ ଓଭର ଖେଳି ୧୬୫ ରନର ଲକ୍ଷ୍ୟ ହାସଲ କରି ବିଜୟୀ ଘୋଷିତ ହୋଇଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ୱାର୍ଡ ସଭ୍ୟ ତଥା ସମାଜସେବୀ ତୁଷାର କାନ୍ତ ବିଶ୍ୱାଳ, ପୂର୍ବତନ ନାଏବ ସରପଞ୍ଚ ଆକାଶ କୁମାର ବିଶ୍ୱାଳ ଓ ହିମାଂଶୁ ବରାଳ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍‌ର ଭାଷ୍ୟକାର ଭାବେ କୃଷ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ନାଟୁଆ ଦାୟିତ୍ୱ ତୁଲାଇ ଥିବା ବେଳେ ଜିତେନ୍ଦ୍ର ସ୍ୱାଇଁ, ସୁଶାନ୍ତ ନାଟୁଆ ଅତିଥି ଭାବେ ଯୋଗ ଦେଇଥିଲେ। ଚନ୍ଦ୍ରକାନ୍ତ ବିଶ୍ୱାଳ ଓ ତୁଷାରକାନ୍ତ ସୁନ୍ଦରାୟ ପ୍ରଥମ ଦିବସର ମ୍ୟାଚ୍‌କୁ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ଟୁର୍ଣ୍ଣାମେଣ୍ଟକୁ ସଂଘର ସାଗର ବଳିୟାରସିଂ, ସୂର୍ଯ୍ୟକାନ୍ତ ସାମନ୍ତରାୟ, ଆଲୋକ ପ୍ରଧାନ, କବି ପ୍ରଧାନ, ଧର୍ମେନ୍ଦ୍ର ବିଶ୍ୱାଳ, ସୁମିତ ବିଶ୍ୱାଳ, ବବୁଲ ପ୍ରଧାନ, ରାଜୀବ ବିଶ୍ୱାଳ, ଅରୁଣ ପ୍ରଧାନ, ଶୁଭ୍ରାଂଶୁ ଶେଖର ସୁନ୍ଦରାୟ, ପ୍ରୀତମ ପ୍ରଧାନ, ଆଶିଷ କୁମାର ବିଶ୍ୱାଳ, ଆଦିତ୍ୟ ବିଶ୍ୱାଳ, ସନ୍ଦୀପ ବରାଳ, ଦିପେଶ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



